# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

PARYABEKHYAK    पर्यवेक्षक

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.22 . No.249, Bhubaneswar Friday, November 15, 2019 | ୨୨ତମ ବର୍ଷ ସଂଖ୍ୟା–୨୪୯ ଭୁବନେଶ୍ୱର ଶୁକ୍ରବାର, ନଭେମ୍ବର ୧୫, ୨୦୧୯ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS


# ସ୍ମିତାରାଣୀ ହତ୍ୟା ପ୍ରସଙ୍ଗରେ ବିଧାନସଭାରେ ହଟ୍ଟଗୋଳ, ଗୃହ ବାରମ୍ବାର ସ୍ଥଗିତ

ଭୁବନେଶ୍ୱର,୧୪।୧୧(ପି.ଏନ): ଓଡିଶା ବିଧାନସଭାର ଶୀତକାଳୀନ ଅଧିବେଶନର ଦ୍ୱିତୀୟ ଦିନରେ ଜାଜପୁରର ପିଇଓ ସ୍ମିତାରାଣୀ ହତ୍ୟା ମାମଲାକୁ ନେଇ ବିରୋଧୀ ଦଳ ମାନଙ୍କ ପକ୍ଷରୁ ପ୍ରବଳ ହଟ୍ଟଗୋଳ କରା ଯାଇଥିଲା । ଏହି କାରଣରୁ ବାଚସ୍ପତି ବିଧାନସଭାକୁ ବାରମ୍ବାର ସ୍ଥଗିତ କରିଥିଲେ । ହଟ୍ଟଗୋଳ କାରଣରୁ ବିଧାନସଭାରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଓ ଶୂନ୍ୟକାଳର କାର୍ଯ୍ୟକ୍ରମ ହୋଇ ପାରିନ ଥିଲା । ବାଚସ୍ପତି ପ୍ରଥମେ ୧୦.୩୩ରୁ ୧୨ଟା ଓ ପରେ ୧୨.୦୯ରୁ ୧୨.୩୯ ଯାଏ ସ୍ଥଗିତ ରଖିଥିଲେ । ଗୁରୁବାର ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ବିଧାନସଭା ୧୦.୩୦ରେ ଆରମ୍ଭ ହୋଇଥିଲା । ବିଧାନସଭା ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମକୁ ଆରମ୍ଭ କରିବାକୁ ଚାହିଁଥିଲେ । ସେତେବେଳେ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ନିଜ ଆସନରେ ଠିଆ ହୋଇ ସ୍ମିତାରାଣୀ ମାମଲାରେ ଆଲୋଚନା କରିବାକୁ ଦାବି କରିଥିଲେ । କିନ୍ତୁ ବାଚସ୍ପତି ଏହା ଉପରେ ଧ୍ୟାନ ଦେଇ ନ ଥିଲେ । ବିଧାୟକ ତାରା ପ୍ରସାଦ ବାହିନୀପତି ଓ କଂଗ୍ରେସର ଅନ୍ୟ ବିଧାୟକ ମାନେ ଏହାର ପ୍ରତିବାଦରେ ଗୃହର ମଧ୍ୟ ଭାଗକୁ ଆସି ନାରାବାଜୀ କରିବା ଆରମ୍ଭ କରି ଦେଇଥିଲେ । ଅନ୍ୟ ପକ୍ଷରେ ବିରୋଧୀ ଦଳର ନେତା ପ୍ରଦୀପ୍ତ ନାୟକ ମଧ୍ୟ ତାଙ୍କର ଆସନରେ ଠିଆ ହୋଇ କିଛି କହିବାର ଦେଖା ଯାଇଥିଲା । ହେଲେ ହଟ୍ଟଗୋଳ କାରଣରୁ ତାହା ପ୍ରେସ ଗ୍ୟାଲେରୀକୁ ସ୍ପଷ୍ଟ ହୋଇ ନ ଥିଲା । ଏହା ପରେ ବିଜେପି ବିଧାୟକ ମାନେ ମଧ୍ୟ ପ୍ଲାକାର୍ଡ ଧରି ରାଜ୍ୟ ସରକାରଙ୍କ ବିରୁଦ୍ଧରେ ନାରାବାଜୀ ଆରମ୍ଭ କରି ଦେଇଥିଲେ । ବିଜେପି ବିଧାୟକ ମାନେ ଧରି ଥିବା ପ୍ଲାକାର୍ଡରେ ଲେଖା ଯାଇଥିଲା ଯେ ସ୍ମିତାରାଣୀ ହତ୍ୟାକାରୀଙ୍କୁ ସରକାର ସୁରକ୍ଷା ଦେଉଛନ୍ତି, ରଙ୍ଗଶାଳାର ସିସିଟିଭି କୁଆଡେ ଗଲା, ସ୍ମିତାରାଣୀଙ୍କୁ ନ୍ୟାୟ ପାଇଁ ମହିଳା କମିଶନଙ୍କୁ ବରଖାସ୍ତ କର, ତାଙ୍କୁ ଚରିତ୍ରହୀନ କହିଥିବା ପୋଲିସ ଏସପିଙ୍କୁ ବରଖାସ୍ତ କର, ରୁପେଶ ଭଦ୍ରଙ୍କୁ ଧାରା ୩୦୨ରେ ଗିରଫ କରା ଯାଉ । ଅନ୍ୟ ପକ୍ଷରେ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ବାଚସ୍ପତିଙ୍କ ପୋଡିୟମକୁ ଚଢିବାକୁ ଚେଷ୍ଟା କରୁଥିବାର ଦେଖିବାକୁ ମିଳିଥିଲା । ବାଚସ୍ପତି ସେମାନଙ୍କୁ ନିଜ ଆସନକୁ ଯାଇ ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ନିବେଦନ କରିଥିଲେ । ହେଲେ ସ୍ଥିତିରେ କୌଣସି ପ୍ରକାର ପରିବର୍ତ୍ତନ ନ ଆସିବା କାରଣରୁ ବାଚସ୍ପତି ୧୦.୩୩ରୁ ୧୨ ଟା ଯାଏ ଗୃହ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ ।ଦିନ ୧୨ଟା ବେଳେ ପୁଣି ଥରେ ଗୃହ କାର୍ଯ୍ୟ ଆରମ୍ଭ ହେଲା ମାତ୍ରେ ବାଚସ୍ପତି ସର୍ବଦଳୀୟ ବୈଠକରେ ହୋଇଥିବା ନିଷ୍ପତିକୁ ସୁରକ୍ଷା କର୍ମଚାରୀଙ୍କ ବଳୟ ମଧ୍ୟରେ ପଡିବା ଆରମ୍ଭ କରିଥିଲେ ।କଂଗ୍ରେସ ବିଧାୟକ ମାନେ ନିଜ ଆସନରେ ବସି ନାରାବାଜୀ କରୁଥିବା ବେଳେ ବିଜେପି ବିଧାୟକ ମାନେ ଗୃହ ମଧ୍ୟକୁ ଆସି ହଟ୍ଟଗୋଳ କରିଥିଲେ । ଏହା ଫଳରେ ବାଚସ୍ପତି ୧୨.୦୯କୁ ୧୨.୩୯ ଯାଏ ସ୍ଥଗିତ ରହିଲା ବୋଲି ଘୋଷଣା କରିଥିଲେ । ବିଧାନସଭାର ଦ୍ୱିତୀୟାର୍ଦ୍ଧ ବୈଠକ ୪ ଟା ୨୧ରେ ଆରମ୍ଭ ହୋଇଥିଲା । କାର୍ଯ୍ୟକ୍ରମ ଅନୁଯାୟୀ ନିବେଦନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଏଥିରେ କେବଳ ଶାସକ ଦଳର ବିଧାୟକମାନେ ଅଂଶଗ୍ରହଣ କରି ନିଜ ନିଜ ଅଂଚଳର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେବା ଲାଗି ବାଚସ୍ପତିଙ୍କୁ ଅନୁରୋଧ କରିଥିଲେ । ଅନ୍ୟପକ୍ଷରେ କଂଗ୍ରେସ ଦଳର ସଭ୍ୟମାନେ ଅନୁପସ୍ଥିତ ଥିବା ବେଳେ ବିଜେପି ଦଳର ସଭ୍ୟମାନେ ଉପସ୍ଥିତ ଥାଇ ମଧ୍ୟ କାର୍ଯ୍ୟକ୍ରମରେ ଅଂଶଗହଣ କରିନଥିଲେ । ସ୍ମିତାରାଣୀ ମୃତ୍ୟୁ ଘଟଣାକୁ ନେଇ ବିଜେପି ବିଧାୟକମାନେ ହଟ୍ଟଗୋଳ ଜାରୀ ରଖିଥିଲେ । ବାଚସ୍ପତି ସେମାନଙ୍କୁ ଏଥିରୁ ବିରତ ହୋଇ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ଅନୁରୋଧ କରିଥିଲେ ହେଁ ସେମାନେ ହୋହାଲ୍ଲା ଜାରୀ ରଖିଥିଲେ । ଦ୍ୱିତୀୟାର୍ଦ୍ଧ ବୈଠକ ମାତ୍ର ୪ ମିନିଟ୍ ପାଇଁ ଚାଲି ପାରିଥିଲା ।



ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍କୁଲ ପିଲାମାନଙ୍କ ସହ ଶିଶୁ ଉତ୍ସବ ପାଳନ କରୁଛନ୍ତି

## ବରପାଲି ସିଡ଼ିପିଓଙ୍କ ବାସଭବନରେ ଭିଜିଲାନ୍ସ ଚଢ଼ଉ

ବରଗଡ଼,୧୪।୧୧(ପି.ଏନ): ଆୟ ବର୍ହିଭୂତ ସମ୍ପତି ଠୁଳ ଅଭିଯୋଗରେ ବରପାଲି ସିଡ଼ିପିଓ ସଂଯୁକ୍ତା ଲେଙ୍କାଙ୍କ ବାସଭବନରେ ଆଜି ଭିଜିଲାନ୍ସ ପକ୍ଷରୁ ଚଢ଼ଉ କରାଯାଇଛି । ସଂଯୁକ୍ତାଙ୍କ ବରଗଡ଼ ସହର ସ୍ଥିତ କାଳୀମନ୍ଦିର ଛକ ପାଖ ଘର ଓ ପ୍ରଧାନପାଲି ସ୍ଥିତ ବାସଭବନରେ ଏକକାଳୀନ ଚଢ଼ଉ ହୋଇଥିଲା । ବରଗଡ଼ ଭିଜିଲାନ୍ସ ଡିଏସପି ବରେନ୍ଦ୍ର ନାୟକଙ୍କ ନେତୃତ୍ୱରେ ଭିଜିଲାନ୍ସର ଏକ ଟିମ୍ ଏହି ଚଢ଼ଉରେ ସାମିଲ୍ ହୋଇଥିଲେ । ଚଢ଼ଉ ଜାରୀ ରହିଥିବାରୁ ଏନେଇ ସବିଶେଷ ତଥ୍ୟ ମିଳିପାରିନାହିଁ ।

## ଭୁବନେଶ୍ୱର ବିମାନ ବନ୍ଦରରୁ ୫୨ ଲକ୍ଷ ଟଙ୍କାର ସୁନା ଜବତ

ଭୁବନେଶ୍ୱର, ୧୪।୧୧ (ପି.ଏନ):- ପୁଣି ଭୁବନେଶ୍ୱର ବିମାନ ବନ୍ଦରରୁ ୧ କେଜି ୩୦୦ ଗ୍ରାମ ଜବତ କରାଯାଇଛି । ଯାହାର ଆନୁମାନିକ ମୂଲ୍ୟ ୫୨ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ । କେରଳ କୋଜିଗଡ଼ର ଜଣେ ବ୍ୟକ୍ତି କୁଆଲାଲାମପୁରରୁ ଏହି ସୁନା ନେଇ ଆସିଥିଲେ । ଭୁବନେଶ୍ୱର ବିମାନ ବନ୍ଦରରେ ସେ ଧରାପଡ଼ିଥିଲେ ।

## ଓଡିଶାରେ ଖୋଲିବ ଆଉ ୬ କୋର୍ଟ

ଭୁବନେଶ୍ୱର, ୧୪।୧୧(ପି.ଏନ): ଓଡିଶାରେ ଖୋଲିବ ଆଉ ୬ ଟି କୋର୍ଟ । ଓଡିଶା ହାଇକୋର୍ଟଙ୍କ ସୁପାରିସ ଆଧାରରେ ରାଜ୍ୟ ସରକାର ଚଳିତବର୍ଷ ଆଉ ୬ଟି ନୂଆ କୋର୍ଟ ଖୋଲିବାକୁ ନିଷ୍ପତି ନେଇଛନ୍ତି । ରାଜ୍ୟ ଆଇନ ମନ୍ତ୍ରୀ ପ୍ରତାପ ଜେନା ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, କଟକ, ଭଦ୍ରକ, ନୀଳଗିରି, ଉଦଳା, ପଟ୍ଟାମୁଣ୍ଡାଇ ଓ ଖଡ଼ିଆଳଠାରେ ଗୋଟିଏ ଲେଖାଏ ଅତିରିକ୍ତ ଜିଲ୍ଲା ଓ ସେସନ୍ ଜଜ୍ କୋର୍ଟ ଖୋଲିବ । ଏହି ଜିଲ୍ଲା ଓ ସେସନ୍ କୋର୍ଟ ଖୋଲିବା ଦ୍ୱାରା କଟକରେ କୋର୍ଟ ସଂଖ୍ୟା ୪ ଓ ଭଦ୍ରକରେ ୨ରେ ପହଂଚିବ ।

# ଚିଙ୍ଗୁଡ଼ି ଫ୍ୟାକ୍ଟ୍ରିରେ ବିଷାକ୍ତ ଗ୍ୟାସ୍ ଲିକ୍; ଶତାଧିକ ଅସୁସ୍ଥ ଘଟଣା

ବାଲେଶ୍ୱର, ୧୪।୧୧(ପି.ଏନ): ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା ଥାନା ଅନ୍ତର୍ଗତ ପଣପଣା ଠାରେ ଥିବା ଫାଲକନ୍ ମେରାଇନ୍ ଏକ୍ସପର୍ଟ ଲିମିଟେଡ୍ ନାମକ ଚିଙ୍ଗୁଡ଼ି ଫ୍ୟାକ୍ଟ୍ରିରେ ଗତକାଲି ରାତିରେ ବିଷାକ୍ତ ଗ୍ୟାସ୍ ଲିକ୍ ହୋଇ ଶତାଧିକ ଅସୁସ୍ଥ ଘଟଣାରେ ଆଜି ପ୍ରଶାସନ ପକ୍ଷରୁ ପ୍ରାଥମିକ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଏହି ଚିଙ୍ଗୁଡ଼ି ଫ୍ୟାକ୍ଟ୍ରିକୁ ସିଲ୍ କରାଯାଇଛି । ସମ୍ପୃକ୍ତ କମ୍ପାନୀ ବିରୋଧରେ ମାମଲା ରୁଜ୍ଜୁ କରାଯିବା ସହ ଘଟଣାରେ ପୋଲିସ ୭ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ଫ୍ୟାକ୍ଟ୍ରିର ଜିଏମ୍, ପ୍ରଡ଼କ୍ସନ ମ୍ୟାନେଜର୍, ଏଚଆର୍ ମ୍ୟାନେଜର୍, ସିଫ୍ଟ ଇନଚାର୍ଜ, ସେଫ୍ଟି ମ୍ୟାନେଜର୍ ଏବଂ ଦୁଇ ଜଣ ସୁପରଭାଇଜର । ତେବେ କେଉଁ କାରଣରୁ ଗ୍ୟାସ୍ ଲିକ୍ ହେଲା ସେନେଇ ଅଦ୍ୟାବଧି କିଛି ସ୍ପଷ୍ଟ ହୋଇନାହିଁ । ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ ଗ୍ୟାସ୍ ଲିକ୍ ଘଟଣାର ତଦନ୍ତ ପାଇଁ ୬ ଜଣିଆ ଫରେନସିକ୍ ଟିମ୍ ଫ୍ୟାକ୍ଟ୍ରିରେ ପହଂଚିଛନ୍ତି । ଫ୍ୟାକ୍ଟ୍ରିର ସମସ୍ତ କର୍ମଚାରୀଙ୍କୁ ବାହାରକୁ ବାହାର କରାଯିବା ସହ ଫ୍ୟାକ୍ଟ୍ରିକୁ ସିଲ୍ କରିଦିଆଯାଇଛି । ବାଲେଶ୍ୱର ଏସପି ଘଟଣାସ୍ଥଳରେ ପହଂଚି ଛାନଭିନ୍ ଜାରୀ ରଖିଛନ୍ତି । କମ୍ପାନୀର ଜଣେ କର୍ମଚାରୀ ନିଜ ନାମ ଗୋପନ ରଖି କହିଛନ୍ତି ଯେ, ମାଛ ଫ୍ରିଜିଙ୍ଗ୍ ପ୍ରୋସେସ୍ (ଶୀତଳୀକରଣ ପ୍ରକ୍ରିୟା) ପାଇଁ ସାଧାରଣତଃ ଆମୋନିଆ ଗ୍ୟାସ୍ ର ବ୍ୟବହାର କରାଯାଇଥାଏ । ଯାହାକି ମନୁଷ୍ୟ ପାଇଁ କ୍ଷତିକାରକ ଓ ସମୟେ ସମୟେ ଏହା ମୃତ୍ୟୁର କାରଣ ପାଲଟି ଥାଏ । କୌଣସି ସ୍ଥାନରେ ପାଇପ୍ ଲାଇନ୍ ରୁ ଗ୍ୟାସ୍ ଲିକ୍ ହୋଇ ଏଭଳି ଦୁର୍ଘଟଣା ଘଟିଥାଇପାରେ ।

# ଟ୍ରାଫିକ୍ ନିୟମ ଉଲ୍ଲଂଘନ: ୨ ମାସରେ ଦେଢ କୋଟି ଜରିମାନା ଆଦାୟ

ଭୁବନେଶ୍ୱର, ୧୪।୧୧(ପି.ଏନ): ରାଜ୍ୟରେ ନୂତନ ମୋଟର ଯାନ ଆଇନ ଲାଗୁ ହେବାପରେ ଏପର୍ଯ୍ୟନ୍ତ ଦେଢ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଜରିମାନା ଆଦାୟ ହୋଇଛି । ଗତ ସେପ୍ଟେମ୍ବର ୧ରୁ ନିୟମ ଲାଗୁ ହୋଇଥିବା ବେଳେ ନଭେମ୍ବର ୧ ତାରିଖ ମଧ୍ୟରେ ମୋଟ ୧ କୋଟି ୫୩ ଲକ୍ଷ ୩୪ ହଜାର ୭୬୦ କୋଟି ଟଙ୍କା ଫାଇନ୍ ଆଦାୟ ହୋଇଛି ବୋଲି ରାଜ୍ୟ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ସୂଚନା ଦେଇଛନ୍ତି । ଗୁରୁବାର ବିଧାନସଭାରେ କେନ୍ଦୁଝର ବିଧାୟକ ମୋହନ ମାଝୀଙ୍କ ଏସମ୍ପର୍କିତ ପ୍ରଶ୍ନର ଉତରରେ ମନ୍ତ୍ରୀ କହିଛନ୍ତି ଯେ ଡ୍ରାଇଭିଂ ଲାଇସେନ୍ସ ନଥିବାରୁ ମୋଟ ୫୩୧୭ ଜଣଙ୍କ ଠାରୁ ମୋଟ ୪୬,୦୦,୮୫୦ ଟଙ୍କା ଆଦାୟ ହୋଇଛି । ସେହିପରି ଗାଡିର ଇନସ୍ୟୁରାନ୍ସ ନଥିବା କାରଣରୁ ୨,୧୧୧ ଜଣଙ୍କ ଠାରୁ ୧୩,୭୯,୭୦୦ ଟଙ୍କା ପ୍ରଦୂଷଣ ସାର୍ଟିଫିକେଟ ନଥିବାରୁ ୧,୧୭୭ ଜଣଙ୍କ ଠାରୁ ୩୮,୧୬,୧୧୦ ଟଙ୍କା ଆଦାୟ ହୋଇଛି ।

# ବ୍ରିକ୍ସ ବ୍ୟବସାୟିକ ମଂଚକୁ ସମ୍ବୋଧିତ କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

ବ୍ରାଜିଲ/ନୂଆଦିଲ୍ଲୀ, ୧୪।୧୧ (ପି.ଏନ): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ବ୍ରାଜିଲଠାରେ ଅନୁଷ୍ଠିତ ବ୍ରିକ୍ସ ଶିଖର ସମ୍ମିଳନୀ ସମୟରେ ବ୍ରିକ୍ସ ବ୍ୟବସାୟିକ ମଂଚକୁ ସମ୍ବୋଧିତ କରିଛନ୍ତି । ବ୍ରିକ୍ସ ରାଷ୍ଟ୍ର ପ୍ରମୁଖ ମାନେ ମଧ ଏହି ବ୍ୟବସାୟିକ ମଂଚକୁ ସମ୍ବୋଧିତ କରିଥିଲେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ବିଶ୍ୱର ଆର୍ଥିକ ଅଭିବୃଦ୍ଧିରେ ବ୍ରିକ୍ସ ଦେଶମାନଙ୍କର ଯୋଗଦାନ ହେଉଛି ୫୦ ପ୍ରତିଶତ । ବୈଶ୍ୱିକ ସ୍ତରରେ ମାନ୍ଦାବସ୍ଥା ସତ୍ତ୍ୱେ, ବ୍ରିକ୍ସ ଦେଶଗୁଡ଼ିକ ଆର୍ଥିକ ବିକାଶକୁ ଗତି ପ୍ରଦାନ କରିଛନ୍ତି, ଲକ୍ଷ ଲକ୍ଷ ଜନସାଧାରଣଙ୍କୁ ଦାରିଦ୍ର୍ୟରୁ ବାହାରକୁ ବାହାର କରିଛନ୍ତି ଏବଂ ପ୍ରାଦ୍ୟୋଗିକୀ ଓ ନବାଚାରରେ ନୂତନ ସଫଳତା ହାସଲ କରିଛନ୍ତି । ବ୍ରିକ୍ସ ଦେଶମାନଙ୍କର ଆନ୍ତଃ-ବାଣିଜ୍ୟ ଓ ନିବେଶ ଲକ୍ଷ୍ୟ ଆହୁରି ଅଧିକ ମହତ୍ୱକାଂକ୍ଷୀ ହେବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ ଆଗ୍ରହ ପ୍ରକାଶ କରିଥିଲେ । ସେ ବ୍ରିକ୍ସ ଦେଶମାନଙ୍କ ମଧ୍ୟରେ ବାଣିଜ୍ୟ କାରବାର ମୂଲ୍ୟକୁ କମ କରିବା ପାଇଁ ପ୍ରସ୍ତାବ ଆହ୍ୱାନ କରିଥିଲେ । ଆଗାମୀ ବ୍ରିକ୍ସ ସମ୍ମିଳନୀ ସୁଦ୍ଧା ଅତି କମରେ ପାଂଚଟି କ୍ଷେତ୍ର ଚିହ୍ନଟ କରାଯିବା ଆବଶ୍ୟକ, ଯାହାକୁ ନେଇ ବ୍ରିକ୍ସ ଦେଶମାନଙ୍କ ମଧ୍ୟରେ ସଂଯୁକ୍ତ ଉପକ୍ରମ ଗଠନ କରାଯାଇ ପାରିବ ବୋଲି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଥିଲେ ।ପ୍ରଧାନମନ୍ତ୍ରୀ କହିଥିଲେ ଆସନ୍ତାକାଲି ଶିଖର ସମ୍ମିଳନୀ ସମୟରେ ବ୍ରିକ୍ସ ନବାଚାର ନେଟୱର୍କ ଓ ଭବିଷ୍ୟତର ନେଟୱର୍କ ପାଇଁ ବ୍ରିକ୍ସ ସଂସ୍ଥାନ ଭଳି ମହତ୍ୱପୂର୍ଣ୍ଣ ପଦକ୍ଷେପ ଉପରେ ବିଚାର କରାଯିବ । ମାନବ ସମ୍ବଳ ଉପରେ କେନ୍ଦ୍ରିତ ଏହି ପ୍ରୟାସରେ ଯୋଗଦେବା ପାଇଁ ସେ ଘରୋଇ କ୍ଷେତ୍ରମାନଙ୍କୁ ଅନୁରୋଧ କରିଥିଲେ । ସେ ଏହା ମଧ ପ୍ରସ୍ତାବ ଦେଇଥିଲେ ଯେ ବ୍ରିକ୍ସ ଦେଶମାନଙ୍କ ମଧ୍ୟରେ ପାରସ୍ପରିକ ସାମାଜିକ ସୁରକ୍ଷା ବୁଝାମଣା ଉପରେ ବିଚାର କରାଯିବା ଆବଶ୍ୟକ । ରାଜନୈତିକ ସ୍ଥିରତା, ପୂର୍ବାନୁମାନ ଯୋଗ୍ୟ ନୀତି ଏବଂ ବ୍ୟବସାୟ ଅନୁକୂଳ ସୁଧାର କାରଣରୁ ଭାରତ ବିଶ୍ୱର ସବୁଠାରୁ ମୁକ୍ତ ଏବଂ ନିବେଶ ଅନୁକୂଳ ଅର୍ଥ ବ୍ୟବସ୍ଥାରେ ପରିଣତ ହୋଇଛି ପ୍ରଧାନମନ୍ତ୍ରୀ କହିଥିଲେ ।

# ଭାରତ ଆନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଓଡ଼ିଶା ମଣ୍ଡପ ଉଦଘାଟିତ

ନୂଆଦିଲ୍ଲୀ, ୧୪।୧୧(ପି.ଏନ): ନୂଆଦିଲ୍ଲୀର ପ୍ରଗତି ମଦାନରେ ଅନୁଷ୍ଠିତ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଆକର୍ଷଣୀୟ ଓଡ଼ିଶା ମଣ୍ଡପ ଉଦଘାଟିତ ହୋଇଯାଇଛି । ଓଡ଼ିଶାର ସୂଚନା ଓ ଲୋକସମ୍ପର୍କ, ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏଥିରେ ରାଜ୍ୟ ସରକାରଙ୍କ ପରାମର୍ଶଦାତା ମାନସ ରଂଜନ ମଙ୍ଗରାଜ ଓ ନୂଆଦିଲ୍ଲୀରେ ଅବସ୍ଥାପିତ ଓଡ଼ିଶା ସରକାରଙ୍କ ଆବାସିକ ଆୟୁକ୍ତ ସଂଜୀବ କୁମାର ମିଶ୍ର ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅସରରେ ଉନ୍ନୟନମୂଳକ ପ୍ରଚାର ପତ୍ରିକା ଉନ୍ମୋଚିତ ହୋଇଥିଲା । ଏହି ଓଡ଼ିଶା ମଣ୍ଡପରେ ଓଡ଼ିଶାର ଶିଳ୍ପାନୁକୂଳ ବାତାବରଣ ଏବଂ ପୁଞ୍ଜିନିବେଶ କ୍ଷେତ୍ରରେ ସହଜ ଓ ସରଳ ବ୍ୟବସ୍ଥା, ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଅନୁକୂଳ ପରିବେଶ, ବ୍ୟବସାୟ ନିମନ୍ତେ ଓଡ଼ିଶା ସରକାରଙ୍କ ଆନ୍ତରିକ ସହଯୋଗ ସମ୍ପର୍କରେ ବିଭିନ୍ନ ତଥ୍ୟର ସୂଚନା ଦିଆଯାଇଛି । ଓଡ଼ିଶା ସରକାରଙ୍କ ସୂଚନାଓ ଲୋକସମ୍ପର୍କ ବିଭାଗ ନୋଡ଼ାଲ ବିଭାଗ ଭାବେ ଅଂଶଗ୍ରହଣ କରିଥିବା ବେଳେ ଇପିକଲ୍ ଦକ୍ଷତା ବିକାଶଓ ବୈଷୟିକ ଶିକ୍ଷା ବିଭାଗ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ସହଯୋଗୀ ବିଭାଗ ଭାବେ ଯୋଗ ଦେଇଛନ୍ତି ।ଏତଦ୍ ବ୍ୟତୀତ ଉତ୍କଳିକା ଓ ବୟନିକା ମାଧ୍ୟମରେ ଓଡ଼ିଶାର ହସ୍ତଶିଳ୍ପ ଓ ହସ୍ତତନ୍ତର ପ୍ରସାରପ୍ରଚାର ନିମନ୍ତେ ଦୁଇଟି ଷ୍ଟଲ୍ ଖୋଲାଯାଇଛି । ହାତରେ ବୁଣାଯାଉଥିବା ଏକ ନୂତନ ସୂତା ପୋଷାକର ଷ୍ଟଲ୍ ଖୋଲାଯାଇଥିବା ବେଳେ ଓଡ଼ିଶାର ସୂକ୍ଷ୍ମ କାରୁକାର୍ଯ୍ୟ ତାରକସୀ କାର୍ଯ୍ୟର ଏକ ଷ୍ଟଲ ଖୋଲାଯାଇଛି ।ଚଳିତ ବର୍ଷର ବିଷୟବସ୍ତୁ ଇଜ୍ ଅଫ୍ ଡୁଇଙ୍ଗ ବିଜିନେସ ରଖାଯାଇଛି । ସେହି ଅନୁଯାୟୀ ମଣ୍ଡପକୁ ଆକର୍ଷଣୀୟ ଢ଼ଙ୍ଗରେ ସଜାଯାଇଛି । ଏଥବରେ ପିପିଲି ଚାନ୍ଦୁଆର ଝଲକ ସ୍ଥାନ ପାଇଥିବା ବେଳେ ଓଡ଼ିଶାର ବିଭିନ୍ନ ସାମଗ୍ରୀର ବିକ୍ରିବଟା କରାଯାଉଛି । ଏହି ଆନ୍ତର୍ଜାତୀୟ ମେଳା ନଭେମ୍ବର ୧୪ରୁ ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ । ପ୍ରକାଶ ଥାଉ କି, ନଭେମ୍ବର ୨୧ ତାରିଖରେ ପ୍ରଗତି ମଇଦାନର ହଂସଧ୍ୱନି ଥିଏଟରରେ ଓଡ଼ିଶା ଦିବସ ପାଳନ କରାଯିବ । ଏଥିରେ ଓଡ଼ିଶାର ସ୍ୱନାମଧନ୍ୟ ସାଂସ୍କୃତିକ ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ ।

# ନଦୀୟାଚାନ୍ଦ କାନୁନଗୋ ଆଉ ନାହାନ୍ତି

ଭୂବନେଶ୍ୱର,୧୪।୧୧(ପି.ଏନ): ଆଜି ସକାଳେ ଓଡିଶାର ଜଣେ ବିଶିଷ୍ଟ ଅବସରପ୍ରାପ୍ତ ଜଙ୍ଗଲ ବିଭାଗ ଅଧିକାରୀ ଓ ସ୍ତମ୍ଭକାର ଏବଂ ପରିବେଶବିଦ୍ ତଥା ପରିବେଶବନ୍ଧୁ ଶ୍ରୀଯୁକ୍ତ ନଦୀୟାଚାନ୍ଦ କାନୁନଗୋଙ୍କର କେୟାର ହସ୍ପିଟାଲ୍‌ରେ ଆଇ.ସି.ୟୁରେ ଚିକିତ୍ସାଧିନ ଥିବା ଅବସ୍ଥାରେ ଦେହାନ୍ତ ହୋଇଯାଇଛି । ସେ ଥିଲେ ଜଣେ ନିର୍ଭିକ ଜଙ୍ଗଲ ଅଧିକାରୀ । ତାଙ୍କର ନିର୍ଭିକତା ପାଇଁ ଜଙ୍ଗଲ ବିଭାଗର ଜଣେ ପୂର୍ବତନ ଅଧିକାରୀ ଭାବରେ ସେ ବେଶ୍ ଜଣାଶୁଣା ଥିଲେ । ତାଙ୍କ ବିୟୋଗ ରାଜ୍ୟ ପରିବେଶ ଓ ଜଙ୍ଗଲ ବିଭାଗ ପାଇଁ ଅପୂରଣୀୟ କ୍ଷତି ଘଟିଲା ବୋଲି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ । ତାଙ୍କର ପରିବେଶ ସମ୍ପର୍କୀତ ଉଚ୍ଚକୋଟୀର ଓ ପ୍ରେରଣାଦାୟୀ ଲେଖାମାନ ବିଭିନ୍ନ ଖବରକାଗଜ



ମଣ୍ଡନ କରିଆସୁଥିଲା । ସମୟ ସମୟରେ ସରକାରଙ୍କ ପକ୍ଷରୁ ଆୟୋଜିତ ହେଉଥିବା ପରିବେଶ ସମ୍ପର୍କୀତ ଆଲୋଚନାରେ ଭାଗନେଇ ସେ ତାଙ୍କର ବଳିଷ୍ଠ ଚାନ୍ତାଧାରା ମାଧ୍ୟମରେ ଯେଉଁସବୁ ପ୍ରସ୍ତାବମାନ ଦେଇଛନ୍ତି, ତାହାକୁ ସରକାରଙ୍କ ବିଭାଗ ର୍ନିଦ୍ୱନ୍ଦରେ ଗ୍ରହଣ କରିଆସିଛି । ଏହାବ୍ୟତୀତ ସେ ଜଣେ ନିରାଡମ୍ବର ଓ ଗାନ୍ଧୀବାଦୀ ଭାବେ ରାଜ୍ୟ ପରିବେଶ ଓ ଜଙ୍ଗଲ ବିଭାଗ ପାଇଁ ବିଶେଷ କରି ପଶୁପକ୍ଷୀ ଓ ଜୀବଜନ୍ତୁଙ୍କ ଯତ୍ନ ତଥା ନୂତନ ବନୀକରଣ ସୃଷ୍ଟି କରିବାପାଇଁ ଯେଉଁସବୁ ଦିଗ୍‌ଦର୍ଶନ ଦେଇ ଯାଇଛନ୍ତି, ତାହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ହୋଇଛି ଓ ତାଙ୍କ ପ୍ରସ୍ତାବଗୁଡ଼ିକୁ ସରକାର ଗ୍ରହଣ ମଧ କରିଛନ୍ତି । ତାଙ୍କର ଏହି ସମର୍ପିତ ଆଦର୍ଶ ତାଙ୍କ ବଳିଷ୍ଠ ଲେଖାରେ ପ୍ରକାଶ ପାଉଥିଲା । ମୃତ୍ୟୁ ବେଳକୁ ତାଙ୍କୁ ୮୩ବର୍ଷ ବୟସ ହୋଇଥିଲା । ତାଙ୍କର ଅନେକ ପୁରୁଣା ବନ୍ଧୁ ଶେଷଦର୍ଶନରେ ଶୈଳଶ୍ରୀବିହାରସ୍ଥିତ ବାସଭବନରେ ଉପସ୍ଥିତ ରହିବା ସହ ରାଜ୍ୟ ଜଣେ ପରିବେଶ ପ୍ରେମୀ ହରାଇଲା ବୋଲି କହିଥିଲେ । ସେ ତାଙ୍କର ସହଧର୍ମିଣୀ, ୫ପୁଅ ଓ ବୋହୂ, ୨ଝିଅ ଓ ଜ୍ୱାଇଁ ଏବଂ ନାତିନାତୁଣୀମାନଙ୍କୁ ଛାଡି ଯାଇଛନ୍ତି । ତାଙ୍କୁ ଆଜି ଅପରାହ୍ନରେ ପୁରୀର ସ୍ୱର୍ଗଦ୍ୱାରକୁ ନେଇ ଅନ୍ତିମସଂସ୍କାର କରାଯାଇଛି ।

# କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍‌ଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ନୂଆଦିଲ୍ଲୀ, ଭୁବନେଶ୍ୱର, ୧୪।୧୧(ପି.ଏନ): ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର ଦିନ ତିରୁବନନ୍ତପୁରମ ଠାରେ କେରଳର ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍‌ଙ୍କ ସହ ରାଜ୍ୟରେ ବିଭିନ୍ନ ତୈଳ, ଗ୍ୟାସ ଓ ଇସ୍ପାତ୍ ପ୍ରକଳ୍ପର ଅଗ୍ରଗତି ନେଇ ଆଲୋଚନା କରିଛନ୍ତି । ତିରୁବନନ୍ତପୁରମ ଗସ୍ତ ଅବସରରେ ଭାରତୀୟ ଧାତୁ ସଂସ୍ଥାନ ୫୭ତମ ରାଷ୍ଟ୍ରୀୟ ଧାତୁ ବିଜ୍ଞାନ ସମାରୋହ ଓ ତାର ୭୩ ତମ ବାର୍ଷିକ ଟେକ୍ନିକାଲ ବୈଠକରେ ସାମିଲ ହୋଇଛନ୍ତି । ଶ୍ରୀ ପ୍ରଧାନ ଏହି ଅବସରରେ ରାଷ୍ଟ୍ରୀୟ ଧାତୁ ବିଜ୍ଞାନ ଦିବସ ପୁରସ୍କାର ଓ ଭାରତୀୟ ଧାତୁ ସଂସ୍ଥାନ ପୁରସ୍କାର ମଧ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ଶ୍ରୀ ପ୍ରଧାନ ସମାରୋହରେ ସାମିଲ ହୋଇଥିବା ପ୍ରତିନିଧି ମାନଙ୍କୁ ଅପିଲ କରିଥିଲେ ଯେ ଅଧିକ ଆତ୍ମ ନିର୍ଭରତା ପାଇଁ ଉଚ୍ଚ ସ୍ତରର ଷ୍ଟିଲର ଉତ୍ପାଦନର ଆହ୍ୱାନକୁ ସେମାନେ ସ୍ୱୀକାର କରନ୍ତୁ । ଏହି ଅବସରରେ ଶ୍ରୀ ପ୍ରଧାନ ଇସ୍ପାତ କ୍ଷେତ୍ରରେ ଅଧିକ ନିରନ୍ତରତାର ଦିଗରେ କାର୍ଯ୍ୟ କରିବା ଓ ଭାରତୀୟ ସବୁଜ ଅର୍ଥନୀତିର ମଡେଲ ସୃଜନ କରିବା ଦିଗରେ ପ୍ରୋତ୍ସାହିତ କରିଥିଲେ । ଇସ୍ପାତର ଗୁରୁତ୍ୱ ସମ୍ପର୍କରେ ଶ୍ରୀ ପ୍ରଧାନ କହିଥିଲେ ଯେ ଆଧୁନିକ ଅର୍ଥନୀତି ନିର୍ମାଣରେ ଇସ୍ପାତ ସହିତ ଅନ୍ୟ ଧାତୁର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ । ଇସ୍ପାତର ବ୍ୟବହାର ଓ ଦେଶର ଆର୍ଥିକ ବୃଦ୍ଧି ମଧ୍ୟରେ ଏକ "ଶକ୍ତିଶାଳୀ ସକାରାତ୍ମକ ପାରସ୍ପାରିକ ସମ୍ପର୍କ ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ପାଂଚ ଟ୍ରିଲିୟନ ଡଲାରର ଅର୍ଥନୀତି ହେବାର ରାସ୍ତାରେ ଭାରତ ଅଗ୍ରସର ହେଉଛି । ସମସ୍ତଙ୍କ ସାମୁହିକ ପ୍ରୟାସରେ ଏହି ସ୍ୱପ୍ନ ସାକାର ହେବ । ଆମେ ସମସ୍ତଙ୍କୁ ଏହି ସ୍ୱପ୍ନକୁ ସାକାର କରିବା ପାଇଁ ଇସ୍ପାତର ଇଚ୍ଛାଶକ୍ତି ସହ ମିଶି କାମ କରିବାକୁ ହେବ ବୋଲି ସେ କହିଛନ୍ତି ।

# କେନ୍ଦୁଝର ରେ ଜମି ଜମା ବିବାଦକୁ ନେଇ ଦମ୍ପତି ଙ୍କୁ ବିଭତ୍ସ ହତ୍ୟା: ହତ୍ୟାପରେ ମାଟି ତଳେ ପୋତିଦେଲେ ଦୁର୍ବୃତ

କେନ୍ଦୁଝର,୧୪।୧୧(ପି.ଏନ): କେନ୍ଦୁଝର ଜିଲ୍ଲାରେ ରେ ପାରିବାରିକ କଳହ ଓ ଜମି ଜୁମା ବିବାଦକୁ କେନ୍ଦ୍ର କରି ବୃଦ୍ଧ ଦମ୍ପତି ଙ୍କୁ ବିଭତ୍ସଭାବେ ହତ୍ୟା କରିବା ପରେ ମାଟି ତଳେ ପୋତିଦେଲେ ଦୁର୍ବୃତ । ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଝୁମ୍ପୁରା ଥାନା ଅଂଚଳର କାଶିପାଳ ଗାଁ ରେ । କେନ୍ଦୁଝର ଜିଲ୍ଲାର ଝୁମ୍ପୁରା ଥାନା ଅନ୍ତର୍ଗତ ପାଟବିଲା ଗାଁର ୬୦ ବର୍ଷ ବୟସ୍କ ବୁଧଦେବ ମହାକୁଡ ଓ ୫୫ ବର୍ଷ ବୟସ୍କା ତାଙ୍କ ସ୍ତ୍ରୀ ମାଳତୀ ମହାକୁଡ ଚଳିତ ମାସ ୮ ତାରିଖ ଶୁକ୍ରବାର ଦିନ କାଶିପାଳ ଗାଁ ସାପ୍ତାହିକ ହାଟକୁ ଚଣା ବିକିବାକୁ ଯାଇ ଆଉ ଘରକୁ ଫେରି ନଥିଲେ । ଘର ଲୋକେ ଅନେକ ଖୋଜା ଖୋଜି କିରି ସୁଦ୍ଧା ଉଭୟଙ୍କର କୌଣସି ପତା ପାଇ ନଥିଲେ । ପୁଅ କାର୍ତୀକ ମହାକୁଡ ତାଙ୍କ ବାପା ଓ ମା କୁ ହତ୍ୟା କରାଯାଇଥିବା କଥା ପୋଲିସରେ ଅଭିଯୋଗ କରିଥିଲେ । ହେଲେ ଗତକାଲି ବୁଧବାର କାଶିପାଳ ଗାଁ ଶାଳ ଜଙ୍ଗଲ ଦେଇ ଯାଉଥିବା କିଛି ଟ୍ରାକ୍ଟର ଡ୍ରାଇଭର ଓ ଛେଳିଚରାଳି ମାନେ ଦୁର୍ଗନ୍ଧ ପାଇ ଘଟଣା ସ୍ଥଳକୁ ଯାଇ ମୃତ ଦେହ ପୋତା ହୋଇଥିବା ଦେଖିବାକୁ ପାଇଥିଲେ ଓ ସେଠାରେ ମଧ୍ୟ ମୃତକ ଙ୍କର ଚପଲ ମଧ୍ୟ ପଡିଥିଲା । ପରେ ଘଟଣା ପ୍ରଘଟ ହେବା ପରେ ବୁଧଦେବ ଙ୍କର ଘର ଲୋକେ ଘଟଣା ସ୍ଥଳକୁ ଯାଇ ଏହି ମୃତ ଦେହ ଓ ତାଙ୍କ ଚପଲ ତାଙ୍କ ବାପା ମା ଙ୍କର ବୋଲି ଅନୁମାନ କରି ପୋଲିସ କୁ ଖବର ଦେଇଥିଲେ । ପୋଲିସ ଘଟଣା ସ୍ଥଳରେ ପହନ୍‌ଚି କାଶିଆ ଜଙ୍ଗଲ ପାଶ୍ୱବର୍ତୀ ଅଞ୍ଚଳରେ ବନ ବିଭାଗ ପକ୍ଷରୁ କରାଯାଇଥିବା ପ୍ଲାଂଟେସନ ନିମନ୍ତେ ଖୋଳାଯାଇଥିବା ଦୁଇଟି ଟ୍ରେଂଚ ରେ ହିଁ ଦୁଇଟି ମୃତ ଦେହ ପୋତା ହୋଇଥିବାର ଦେଖିବାକୁ ପାଇଥିଲେ । ଗଛ ଲଗାଇବାକୁ ବନ ବିଭାଗ ଖୋଳିଥାବା ଛୋଟ ଛୋଟ ଗାତରେ ମୃତ ଦେହ ପୋତା ହୋଇଥିବା ପୋଲିସ ଦେଖିବାକୁ ପାଇଛି । ମୃତକ ଙ୍କର ପୁଅର ଓ ବୋହୂ ଙ୍କର ଅଭିଯୋଗ ଅନୁସାରେ ତାଙ୍କର କାକ ଓ ବଡ ବାପା ଙ୍କ ପରିବାର ସହ ତାଙ୍କର ଜମି ଜୁମା କୁ ନେଇ ଅନେକ ଦିନ ହେବ ଝଗଡା ଓ କେଶ ଚାଲିଛି । କିଛି ମାସ ପୂର୍ବରୁ କାକା ଓ ବଡ ବାପା ଙ୍କର ପରିବାର ଲୋକ ଙ୍କ ମାଡରେ ତାଙ୍କ ବାପା ଗୁରୁତର ଆହତ ହୋଇ ମେଡିକାଲ ରେ ପଡିଥିଲେ । ତେଣୁ ସେହି ମାନେ ତାଙ୍କ ବାପା ମା ଙ୍କୁ ହତ୍ୟା କରିଥାଇ ପାରନ୍ତି ବୋଲି ସେମାନେ ସନ୍ଦେହ କରିଛନ୍ତି । ପୋଲିସ ମଧ୍ୟ ଘଟଣା ସ୍ଥଳରେ ପହନ୍ତି ତଦନ୍ତ ଆରମ୍ଭ କରିଛି । ଘଟଣା ସ୍ଥଳରେ ପୋଲିସ ର ସାଇନ୍ଟିଫିକ ଟିମ ପହଂଚିଥିବା ବେଳେ , ମାଜିଷ୍ଟେଟ ଆସିବା ପରେ ମୃତ ଦେହ ଇନକ୍ୱେଷ୍ଟ କରି ମାଟି ତଳୁ ବାହାରିବା ପରେ ମୃତକ କିଏ ବୋଲି ଜଣା ପଡିବା ସହ ମୃତ ଦେହ ବ୍ୟବଚ୍ଛେଦ ପରେ ମୃତର କାରଣ ଜଣା ପଡିବ ବୋଲି ଏସ୍.ଡି.ପି.ଓ ହରିହର ପାଣି ସୂଚନା ଦେଇଛନ୍ତି । ସେପଟେ ମୃତକ ଙ୍କର ପୁଅ ର ଅଭିଯୋଗ ଅନୁସାରେ ତାଙ୍କ କକା ଓ ବଡବାପା ଙ୍କୁ ପୋଲିସ ଖୋଜିବା ଆରମ୍ଭ କରି ଦେଇଛି ।






# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟ ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। 'ବିବି ହୋ ୱୌସି'ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ 'ବଜରଙ୍ଗୀ ଭାଇଜାନ୍' ଓ 'ପ୍ରେମରତନ ଧନ ପାୟୋ' ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଇଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଇଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଇଙ୍କ



ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଇଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

# ପୁରାଣ କାହାଣୀ

## ବିଶ୍ୱ ନିର୍ମାଣର ସ୍ରଷ୍ଟା 'ବିଶ୍ୱକର୍ମା'

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କଡ଼୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିନ୍ଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନିୟନ୍ତା, ବାୟୁରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ୱର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୁଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉହାଜାହାଜ, ଛପାଖାନା, ରେଳ ଗାଡ଼ି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତ୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

## ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋରରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ମୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍‌ର କମାଲ୍

ଥିଓଡର। ତା'ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଳଭି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ବାଲି ନିର୍ମିତ ହୋଟେଲ୍



ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍‌ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍‌ରେ ଗୋଟିଏ ରୁମ୍‌ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍‌ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ। ହୋଟେଲ୍‌ର ମ୍ୟାନେଜର ମାଦ ବେନ୍ ଲିଓ୍ୱେନ କହନ୍ତି ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍‌ଲ୍ୟାଣ୍ଡ ଓ ସ୍ୱାଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ଼ ରହିଛି, ଘରମାନଙ୍କର ତାପମାତ୍ରା ୮ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ ।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ।

## ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

### ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୧୪ ତାରିଖ ସଂସ୍କରଣଟି ପ୍ରକାଶ ପାଇ ପାରିନଥିଲା। ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ।

-ପ୍ରକାଶକ

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# କେନ୍ଦୁଝରର ସଂରକ୍ଷିତ ଖପରାଖୋଲ ଜଙ୍ଗଲରୁ ଅର୍ଦ୍ଧଗଳିତ ଶବ ଉଦ୍ଧାର

କେନ୍ଦୁଝର,(ପିଏନ): କେନ୍ଦୁଝର ଜିଲା ତେଲକୋଇ ବ୍ଲକ ଅନ୍ତର୍ଗତ ଉପାନ୍ତ ଅଞ୍ଚଳ ରାଇସୁଆଁ ଗ୍ରାମ ନିକଟରେ ଥିବା ଖପରାଖୋଲ ସଂରକ୍ଷିତ ଜଙ୍ଗଲରେ ଥିବା ଏକ ଉଇ ହୁଙ୍କା ନିକଟରୁ ଅର୍ଦ୍ଧଗଳିତ ଏକ ମୃତଦେହକୁ ଆଜି ତେଲକୋଇ ପୋଲିସ ଖବର ପାଇ ଉଦ୍ଧାର କରିଛି । କେନ୍ଦୁଝର ଜିଲା ପୋଲିସର ସାଇଣ୍ଟିଫିକ ଟିମ ସହାୟତାରେ ଏହି ମୃତ ଦେହକୁ ଉଦ୍ଧାର କରାଯାଇଥିବା ବେଳେ ସ୍ଥାନୀୟ ତେଲକୋଇ ତହସିଲଦାର, ରାଇସୁଆଁ ସରପଞ୍ଚଙ୍କ ଉପସ୍ଥିତିରେ ତେଲକୋଇ ଥାନାର ଭାରପ୍ରାପ୍ତ ଅଧିକାରିଣୀ ପଦ୍ମାସିନୀ ମେହେର ଘଟଣା



ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ, ଉଦ୍ଧାର ହୋଇଥିବା ଏହି ଗଳିତ ଶବର ଗୋଟିଏ ହାତ ଭାଙ୍ଗି ଯାଇଥିବା ଜଣାପଡିଛି । ଘଟଣା ସ୍ଥଳୀରୁ କିଛି କପଡା ମିଳିଥିବାର ପ୍ରାରମ୍ଭିକ ସୂଚନା ମିଳିଛି । ଶବଟି ଏହି ସ୍ଥାନକୁ କିପରି ଆସିଲା ତାହା ସାଧାରଣରେ ସନ୍ଦେହ ସୃଷ୍ଟି କରୁଥିବା ବେଳେ ଶବଟି ଏକ ପୁରୁଷର କି ସ୍ତ୍ରୀର ତାହା ଏଯାଏ ଅସ୍ପଷ୍ଟ ରହିଛି । ମିଳିଥିବା ଏହି ଗଳିତ ଶବ ବିଷୟରେ ଅଧିକ ଅନୁଷନ୍ଧାନ ମୂଳକ ସୂଚନା ପାଇଁ ଏହାକୁ ବୁର୍ଲା ମେଡିକାଲ କଲେଜକୁ ପଠାଯିବା କଥା ତେଲକୋଇ ଆଇଆଇସି କହିଥିବା ବେଳେ ତେଲକୋଇ ଥାନା କେସ ନଂ ୩୬/୧୯ ରେ ଏକ ଅପମୃତ୍ୟୁ ମାମଲା ରଜୁ କରାଯାଇ ଅଧିକ ତଦନ୍ତ ଚଳାଇଥିବା ତଦନ୍ତ ଅଧିକାରୀ ଜଣାଇଛନ୍ତି ।

# ଠିକାଦାର ଆସୋସିଏସନ ପକ୍ଷରୁ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ଧାରଣା

ବାରିପଦା,(ପିଏନ)- ମୟୂରଭଞ୍ଜ ସରକାରୀ ଠିକାଦାର ଆସୋସିଏସନ ପକ୍ଷରୁ ୧୦ ଦଫା ଦାବିରେ ନଭେମ୍ବର ୧ ତାରିଖ ଠାରୁ ଆନ୍ଦୋଳନ ଜାରୀ ରହିଛି ।

୨୦୧୪ରେ ସ୍ଥିରିକୃତ ସିଡୁ୍ୟଲ ରେଟକୁ ୨୦୧୯ରେ ବର୍ଦ୍ଧିତ ମୂଲ୍ୟ ଭିତିରେ ପୁନଃ ଆକଳନ କରାଯିବା, ଭାରତ ସରକାରଙ୍କ ଷ୍ଟାଣ୍ଡାର୍ଡ଼ ଡ଼ାଟା ବୁକର ତୁରନ୍ତ ପ୍ରଚଳନ କରାଯିବା, ଭାରତ ସରକାରଙ୍କ ଟେଣ୍ଡର ନିୟମାବଳୀକୁ ତୁରନ୍ତ କାର୍ଯ୍ୟକାରୀ କରାଯିବା, ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟରେ ପ୍ରଚଳିତ ୧୪.୯୯ ଲେସ ପ୍ରଥା ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାହାର କରାଯିବା, ଉଚ୍ଚ ନ୍ୟାୟାଳୟ ଦ୍ୱାରା ବର୍ଦ୍ଧିତ ମୂଲ୍ୟ ସମ୍ପର୍କିତ ନିର୍ଦ୍ଦେଶନାମା ଅନୁସାରେ ଠିକାଦାରମାନଙ୍କୁ ପ୍ରାପ୍ୟ ପ୍ରଦାନ କରାଯିବା, ଶ୍ରମିକମାନଙ୍କେ ମଜୁରୀର ଉଚିତ ନିର୍ଦ୍ଧାରଣ ସହ ଠିକାଦାରମାନଙ୍କୁ ତତ୍‌ସମ୍ପର୍କିତ ପ୍ରାପ୍ୟ ପ୍ରଦାନ କରାଯିବା, ତେଲେଙ୍ଗାନା ସରକାରଙ୍କ ନୀତି ଅନୁଯାୟୀ ଜିଏସଟି ପାଇଁ ୧୦ ପ୍ରତିଶତ ଅଧିକ ପ୍ରାପ୍ୟ ପ୍ରଦାନ କରାଯିବା, କୌଣସି ବାହ୍ୟ ସର୍ତ୍ତ ବ୍ୟତୀତ କେବଳ ଲାଇସେନ୍ସ କ୍ଷମତା ଅନୁସାରେ କାର୍ଯ୍ୟାଦେଶ ପ୍ରଦାନ କରାଯିବା, ପୂର୍ବ ବ୍ୟବସ୍ଥା ଅନୁସାରେ ବିଭିନ୍ନ ସଂଚୟ ପତ୍ର ମାଧ୍ୟମରେ ସିକ୍ୟୁରିଟି ପ୍ରଦାନ କରାଯିବା ଏବଂ ବ୍ୟବସ୍ଥା ନଥାଇ ନିର୍ମାଣ ସାମଗ୍ରୀ ପରିବହନ ସମୟରେ ଅନୁମତି ପତ୍ର ଏବଂ ରୟାଲିଟି ରସିଦ୍ ଦାଖଲ ନିର୍ଦ୍ଦେଶନାମାକୁ ତୁରନ୍ତ ପ୍ରତ୍ୟାହାର କରାଯିବା ଆଦି ୧୦ ଦଫା ଦାବି ପୂରଣ ନିମନ୍ତେ ଆରମ୍ଭ ହୋଇଥିବା କାର୍ଯ୍ୟ ବନ୍ଦ ଆନ୍ଦୋଳନ ୧୩ ଦିନରେ ପହଂଚିଥିବା ବେଳେ ଆଜି ବାରିପଦାସ୍ଥିତ ମୟୂରଭଞ୍ଜ ରାସ୍ତା ଓ ଗୃହ ବିଭାଜନ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ପୂର୍ବକ ଧାରଣାରେ ବସିଥିଲେ । ଓଡ଼ିଶା ସରକାର ଠିକାଦାର ସଙ୍ଘର ଦାବି ପୂରଣ ନିମନ୍ତେ କର୍ଣ୍ଣପାତ କରୁନଥିବାରୁ ମୟୂରଭଞ୍ଜ ଜିଲ୍ଲାର ସଦର ମହକୁମା ବାରିପଦା ଏବଂ ସମସ୍ତ ଉପଖଣ୍ଡସ୍ତରରେ ରହିଥିବା ସୁବର୍ଣ୍ଣରେଖା ଇରିଗେସନ, ମୟୂରଭଞ୍ଜ , ମାଇନର ଓ ଲିଫ୍ଟ ଇରିଗେସନ, ଆରଡବ୍ଲ୍ୟୁଏସଏସ, ପିଡବ୍ଲ୍ୟୁଡି, ମ୍ୟୁନିସିପାଲିଟି, ଆରଡ଼ି, ଏନଏସି ଆଦି ବିଭିନ୍ନ କାର୍ଯ୍ୟାଳୟରେ ପ୍ରାୟ ୩ ହଜାର କୋଟିରୁ ଅଧିକ ମୂଲ୍ୟର ପ୍ରକଳ୍ପଗୁଡ଼ିକର ନିର୍ମାଣ କାର୍ଯ୍ୟ ଠପ୍ ହୋଇଯାଇଛି । ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ସଂସ୍ଥାରେ କାର୍ଯ୍ୟରତ ପ୍ରାୟ ୩ ହଜାରରୁ ଅଧିକ ସରକାରୀ ଠିକାଦାର ଆନ୍ଦୋଳନରେ ସାମିଲ ହୋଇଥିବାରୁ ଏମାନଙ୍କ ଉପରେ ପ୍ରତ୍ୟକ୍ଷ ଓ ପରୋକ୍ଷରେ ନିର୍ଭର କରୁଥିବା ଏକ ଲକ୍ଷରୁ ଅଧିକ ବ୍ୟକ୍ତିଙ୍କ ପରିବାରକୁ ପ୍ରଭାବିତ କରାଇଛି ।

ମୟୂରଭଞ୍ଜ ସରକାରୀ ଠିକାଦାର ଆସୋସିଏସନ ପକ୍ଷରୁ ଆଜିର ଏହି ବିକ୍ଷୋଭ ଓ ଧାରଣାରେ ପ୍ରଦୀପ କୁମାର ପାତ୍ର, ସତ୍ୟଜିତ ମହାନ୍ତି, ସଞ୍ଜୟ ଅଗ୍ରୱାଲା, ବିନୋଦ ବେହେରା, ସତ୍ୟରଞ୍ଜନ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ନନ୍ଦଲାଲ ମିଶ୍ର, ସରୋଜ ମହାକୁଡ଼, କୃଷ୍ଣ ଭୂଜବଳ, ବିଭାସ ବେହେରା , ଅଭିଶେକ ବେହେରା, ରଣଜିତ ମହାନ୍ତି, ସନ୍ତୋଷ ଗୋଚ୍ଛାୟତ, ପ୍ରିୟବ୍ରତ ଦାସ, ସ୍ୱରୂପ ମହାପାତ୍ର, ତାପସ ସାହୁ, ରବୀନ୍ଦ୍ର ପାଢ଼ୀ, ତ୍ରିଲୋଚନ ଗିରି, ସନ୍ତୋଷ ସାହୁ, ଅମର ପଟ୍ଟନାୟକ, ରଞ୍ଜିତ ସାହୁ, ଦୀପି ମିଶ୍ର, ସତ୍ୟବ୍ରତ ପଟ୍ଟନାୟକ, ସୁବ୍ରତ ପାତ୍ର, ସନ୍ଦୀପ ପତି, ମୁକୁଳ ଦାସ, ଲଳିତ ସେନ, କୁନା ମହାନ୍ତ, ଶ୍ରବଣ ଗୋପ, ଗୋପାଳ ପାତ୍ର, ଅଶୋକ ସ୍ୱାଇଁ , ମନୋଜ ଖଣ୍ଡେଲୱାଲ, ରାଜୀବ ଜେନା, ବିକାଶ ନାୟକ, ବାବୁ ଘୋଷ ପ୍ରମୁଖ ସାମିଲ ହୋଇଥିଲେ ।

# ରିଷିଗାଁରେ କୃଷ୍ଣ ଜନ୍ମରୁ କଂସ ବଧ ପର୍ଯ୍ୟନ୍ତ ଲୀଳା ପରିବେଷଣ

ନୂଆପଡା, (ପିଏନ)- କାର୍ତ୍ତିକ ମାସ ଏକ ପୁଣ୍ୟମାସ ଭାବରେ ଓଡିଆ ଜଣ ମାନସରେ ଗୃହୀତ ହୋଇଥିବା ବେଳେ ଅନେକ ଜାଗାରେ କୃଷ୍ଣ ଚରିତ୍ରକୁ ନେଇ ରାହାସ ନାଟକ ମଞ୍ଚସ୍ଥ ହୋଇଥାଏ । ଖଡିଆଳ ବ୍ଲକର ରିଷିଗାଁରେ ୧୫୦ ବର୍ଷରୁ ଉର୍ଦ୍ଧ୍ୱ ବର୍ଷ ହେବ ପ୍ରତିବର୍ଷ ରାହାସ ମଣ୍ଡଳୀ ଅନୁଷ୍ଠିତ ହୋଇଥାଏ । ଚଳିତ ବର୍ଷ ଶୁକ୍ଳପକ୍ଷ ପ୍ରତିପଦା ଠାରୁ ଆରମ୍ଭ ହୋଇ ପୂର୍ଣ୍ଣିମା ପର୍ଯ୍ୟନ୍ତ ୧୫ ଦିନ ଧରି ପାଳିତ ହୋଇ ଆସୁଅଛି । ପ୍ରାଚୀନ ତାଳପତ୍ର ପୋଥିରେ ଥିବା ଗୋପଲୀଳା ଓ କଂସବଧକୁ ନାଟ୍ୟ ଅଭିନୟ ମାଧ୍ୟମରେ ଗ୍ରାମବାସୀ ପରିବେଷଣ କରନ୍ତି । ଗାୟକ ସ୍ୱର୍ଗତ ଲଛମନ ଦଳ, ଭୀମ ଦଳ ପୂର୍ବେ ଏହି ତାଳପତ୍ର ପୋଥିକୁ ଗାୟନ କରୁଥିବା ବେଳେ ବର୍ତ୍ତମାନ ଅବସରପ୍ରାପ୍ତ ଶିକ୍ଷକ ବୁଦାଙ୍ଗ ଜାନୀ ଏହାର ଦାୟିତ୍ୱ ନେଇଛନ୍ତି । କୃଷ୍ଣଲୀଳାର ପ୍ରତିଟି କଥାବସ୍ତୁକୁ ଗ୍ରାମର ଯୁବକ ମାନେ ଅଭିନୟ କରିଥାନ୍ତି । କୃଷ୍ଣ ଜନ୍ମରୁ କଂଶ ବଧ ପର୍ଯ୍ୟନ୍ତ ଲୀଳା ପରିବେଷଣ ହୋଇଥାଏ । ନନ୍ଦ, ଯଶୋଦା, ଗୋପୀ, ଗୋପାଳ, କୃଷ୍ଣ, ବଳରାମ, ରାଧା, କଂସ, ପୁତନା, ଚାଣୁର, ମୁଷ୍ଟିକ, ଆକୃର ଆଦି ଭୂମିକାରେ ଗ୍ରାମବାସୀ ଅଭିନୟ କରିଥାନ୍ତି । ଏହି ୧୫ ଦିନ ଧରି ରିଷିଗାଁ ଗ୍ରାମବାସୀ ସମ୍ପୂର୍ଣ୍ଣ କୃଷ୍ଣମୟ ହୋଇ ଯାଉଥିବା ବେଳେ ୧୫୦ ବର୍ଷର ଏହି ପ୍ରାଚୀନ ପରମ୍ପରାକୁ ଦେଖିବା ପାଇଁ ଆଖପାଖ ଗ୍ରାମରୁ ପ୍ରବଳ ଦର୍ଶକ ସମାଗନ ହୋଇଥାଏ । ଏଥିରେ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ବୋଦାଙ୍ଗ ଜାନୀଙ୍କ ନେତୃତ୍ୱରେ ଗ୍ରାମର ଗୌରୀଶଙ୍କର ବାରିକ, ଚମରା ଶବର, ଯୁଗେ ଦଳ, ସୁନା ଶବର, ଗୋପିନାଥ ସେଠୀ, ଚନ୍ଦ୍ରମଣୀ ଦଳ, ତ୍ରିଲୋକ୍ୟ ଜାନୀ, ଡୋଲାମୋହନ ଜାନୀ, ସୁବୋଧ ସିଂବାବୁ, ପଦ୍ମନ ଦଳ, ଜଳଧର ଜାନୀ, ଧନୁଧର ଦଳ, ହୃଦା ଶବର ସମେତ ଶତାଧିକ ଗ୍ରାମବାସୀ ଲୀଳା ପରିବେଷଣରେ ସହଯୋଗ କରିଥିଲେ ।

## ନିତାଇ ଗୌରାଙ୍ଗ ବାଲିଯାତ୍ରା ଉଦଘାଟିତ

# ନୌ ବାଣିଜ୍ୟ ପରମ୍ପରାକୁ ଉଜ୍ଜିବୀତ ରଖିବାକୁ ଆହ୍ୱାନ

ଭଦ୍ରକ, (ପିଏନ) : ଉତ୍କଳୀୟ ବାଣିଜ୍ୟ ପରମ୍ପରାର ସ୍ମାରକୀ ବହନ କରୁଛି ବାଲିଯାତ୍ରା । ୩ହଜାର ବର୍ଷର ଏହି ପରମ୍ପରା ନିଶ୍ଚିତ ଭାବରେ ଓଡ଼ିଆ ସ୍ୱାଭିମାନର ପ୍ରତୀକ । ଯେଉଁ ବାଣିଜ୍ୟ ଓଡ଼ିଶା ପାଇଁ ପ୍ରାଚୁର୍ଯ୍ୟ ଆଣି ଦେଇଥିଲା, ସେହି ପରମ୍ପରାର ସ୍ମୃତି ରକ୍ଷା କରିବା ପ୍ରତ୍ୟେକ ଓଡ଼ିଶାବାସୀଙ୍କ କର୍ତବ୍ୟ ହେବା ଉଚିତ ବୋଲି ଗତକାଲି ରାତିରେ ଭଦ୍ରକ ବିଧାୟକ ସଂଜୀବ ମଲ୍ଲିକ ବାଉଦପୁରସ୍ଥିତ ନିତାଇ ଗୌରାଙ୍ଗ ବାଲିଯାତ୍ରାକୁ ଉଦଘାଟନ କରି କହିଛନ୍ତି । ବାଲିଯାତ୍ରା କମିଟିର ଉପଦେଷ୍ଟା ଆଇନଜୀବୀ ରଂଜନ କୁମାର ପଣ୍ଡାଙ୍କ ସଂଯୋଜନା ଓ ନାରାୟଣ ଯେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ଶ୍ରୀ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ପ୍ରତିନିଧି ଇଂ ପ୍ରସାୟାକାନ୍ତୀ ସାମଲ, ଜିଲ୍ଲା ପରିଷଦ ସଭ୍ୟ କ୍ଷୀରୋଦ ରାଉତ, ରୋଡ଼ାରୀ ମିଡ଼ଟାଉନ ସଭାପତି ଅତିଶ ବେହେରା, ସରପଂଚ ଶ୍ରୀଧର ଯେନା, ସମାଜସେବୀ କାର୍ତୀକ ବେହେରା, ସରୋଜ ରାଉତ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ ।

କମିଟିର ସମ୍ପାଦକ ବାବୁରାମ ଯେନା ବାଲିଯାତ୍ରା ଇତିହାସ ସମ୍ପର୍କରେ ସୂଚନା ଦେଇଥିବାବେଳେ, କୋଷାଧକ୍ଷ ସୁଧିର କୁମାର ଯେନା ଧନ୍ୟବାଦ ଅର୍ପଣ କରିଥିଲେ । ତେବେ କାର୍ତୀକ ପୂର୍ଣ୍ଣୀମ ଅବସରରେ ବହୁ ସଂଖ୍ୟକ ମହିଳା ଏକ ଆଧ୍ୟାତ୍ମିକ ପରିବେଶରେ କଳସ ଶୋଭାଯାତ୍ରାରେ ବାହାରିଥିଲେ । ୧୦୮ କଳସ ସ୍ଥାପନ ପରେ ନାମସଂକିର୍ତ୍ତନ ଆରମ୍ଭ ହେବା ସହ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା । ନିତାଇ ଗୌରାଙ୍ଗ ବାଲିଯାତ୍ରା କମିଟି ପକ୍ଷରୁ ଅନୁଷ୍ଠିତ ଏହି ମେଳା ଆସନ୍ତା ୭ଦିନ ପର୍ଯ୍ୟନ୍ତ ଚାଲିବ । ପ୍ରଥମ ଦିବସରୁ ଏହି ମେଳାରେ ହଜାର ହଜାର ସଂଖ୍ୟାରେ ଜନସମାଗମ ଆରମ୍ଭ ହୋଇଛି । ଦୋଳି, ମୀନାବଜାର ସମେତ ବହୁ ସଂଖ୍ୟକ ବ୍ୟବସାୟୀ ମେଳାରେ ନିଜର ଷ୍ଟଲ ଖୋଲିଛନ୍ତି । ଆସନ୍ତାକାଲିଠାରେ କମିଟି ପକ୍ଷରୁ ଅପେରା ପ୍ରଦର୍ଶନର ମଧ ଆୟୋଜନ କରାଯାଇଛି ।

# ଜିଲ୍ଲାସ୍ତରୀୟ ବିଶ୍ୱ ମଧୁମେହ ଦିବସ ପାଳିତ



ବାଲେଶ୍ୱର,(ପିଏନ) : ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଆଜି ବିଶ୍ୱ ମଧୁମେହ ଦିବସ ପାଳିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ପୂର୍ବାହ୍ନରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର ସ୍ଥିତ ଜିଲ୍ଲା ତାଲିମ ପ୍ରକୋଷ୍ଠ ଠାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବାନାର୍ଜୀ ପ୍ରସାଦ ଛୋଟରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମଧୁମେହ ରୋଗର କାରଣ, ଲକ୍ଷଣ ଏବଂ ନିରାକରଣ ସଂପର୍କରେ ଆଲୋଚନା କରାଯାଇଥିଲା । ମୁଖ୍ୟ ବକ୍ତା ଭାବେ 'କୀରମୋହନ ମେଡିକାଲ କଲେଜର ସହକାରୀ ପ୍ରାଧ୍ୟାପକ ଡା. ପ୍ରେମ କୁମାର ମହାନ୍ତି ଯୋଗ ଦେଇ ମଧୁମେହ ରୋଗର ବିଭିନ୍ନ ଦିଗ ଉପରେ ଆଲୋକପାତ କରିବା ସହିତ ଏହାର ଚିକିତ୍ସା, ଖାଦ୍ୟାଭ୍ୟାସ ପରିବର୍ତନ, ନିୟମିତ ବ୍ୟାୟାମ ଏବଂ ଏଥିପ୍ରତି ପରିବାରର ରହିଥିବା ଦାୟିତ୍ୱ ସଂପର୍କରେ ପ୍ରାଞ୍ଜଳ ଭାବେ ବୁଝାଇଥିଲେ । ଡା. ଶଶାଙ୍କ ଶେଖର ଚୌଧୁରୀ, ଡା. ପରେଶ ଚନ୍ଦ୍ର ନନ୍ଦୀ, ଡା. ସନ୍ଧ୍ୟାରାଣୀ ପଟ୍ଟନାୟକ, ଡା. ଗିରୀଶ ଚନ୍ଦ୍ର ପତି, ଡିପିଏମ ଶ୍ରୀ ଅନୀଲ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଏହି ରୋଗର ଉପଚାର ଏବଂ ରୋଗୀର ଯତ୍ନ ଇତ୍ୟାଦି ଉପରେ ଗୁରୁତ୍ୱାରୋପ କରିଥିଲେ । ମଧୁମେହ ଦିବସ ପାଳନ ଅବସରରେ ଆଜି ସକାଳ ୮ଘଟିକା ସମୟରେ ଏକ ସଚେତନତା ଶୋଭାଯାତ୍ରା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ବାହାରି ସହର ପରିକ୍ରମା କରିଥିଲା । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବାନାର୍ଜୀ ପ୍ରସାଦ ଛୋଟରାୟ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । ସେହିପରି ଦିବା ୯ ଘଟିକା ସମୟରେ ବରିଷ୍ଠ ନାଗରିକମାନଙ୍କର ମଧୁମେହ ପରୀକ୍ଷା କରାଯାଇଥିଲା । ଜିଲ୍ଲା ବରିଷ୍ଠ ନାଗରିକ ମଂଚ ସଭାପତି ଶ୍ରୀ ବୈଦ୍ୟନାଥ ଷଡଙ୍ଗୀ, ସାଧାରଣ ସମ୍ପାଦକ ଶ୍ରୀ ଲକ୍ଷ୍ମୀଧର ବେହେରାଙ୍କ ସମେତ ବିଷ୍ଣୁ ପ୍ରସାଦ ମହାନ୍ତି, ହରିଶ୍ଚନ୍ଦ୍ର ବେହେରା, ଦେବେନ୍ଦ୍ର ନାଥ ଚୌଧୁରୀ ଓ ଅନ୍ୟମାନେ ଏଥିରେ ଉପସ୍ଥିତ ଥିଲେ । ଆଜିର ଦିବସବ୍ୟାପୀ କାର୍ଯ୍ୟକ୍ରମରେ ଏଏନଏମ ପ୍ରଶିକ୍ଷଣ କେନ୍ଦ୍ର ଛାତ୍ରୀ, ସ୍ୱାସ୍ଥ୍ୟ କର୍ମୀ, ସ୍ୱୟଂସେବୀ ଅନୁଷ୍ଠାନ କର୍ମକର୍ତା ପ୍ରମୁଖ ଅଂଶଗ୍ରହଣ କରିଥିବା ବେଳେ ଜିଲ୍ଲା ଜନସ୍ୱାସ୍ଥ୍ୟ ସୂଚନା ଅଧିକାରୀ ଶ୍ରୀ ନରେଶ ଚନ୍ଦ୍ର ଦାସ ଓ ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ସୂଚନା ଅଧିକାରୀ ଶ୍ରୀ ରମଣୀକାନ୍ତ ଭଞ୍ଜ ଏହାର ପରିଚାଳନା କରିଥିଲେ ।

# ପଣ୍ଡିତ ନେହେରୁଙ୍କୁ ଶ୍ରଦ୍ଧାଞ୍ଜଳି



ରାଉରକେଲା, (ପିଏନ): ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ତଥା ନବଭାରତର ନିର୍ମାତା ପଣ୍ଡିତ ଜବାହାରଲାଲ ନେହେରୁଙ୍କୁ କଂଗ୍ରେସ ତରଫରୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଆଜି ତା-୧୪.୧୧.୧୯ରିଖ ପଣ୍ଡିତଜୀଙ୍କ ଜନ୍ମଦିନ ଅବସରରେ କଂଗ୍ରେସର ବରିଷ୍ଠ ନେତୃବୃନ୍ଦ ତଥା କର୍ମକର୍ତ୍ତାମାନେ କୋଏଲନଗର ସ୍ଥିତ ଡି ବ୍ଲକ୍ ଛକରେ ସମବେତ ହୋଇ ନେହେରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ସ୍ମୃତିଚାରଣ କରିଥିଲେ । ନେହେରୁଜୀଙ୍କ ଆଧୁନିକ ଭାରତ ନିର୍ମାଣ କାର୍ଯ୍ୟକ୍ରମର ରାଉରକେଲା ଇସ୍ପାତ କାରଖାନା ଏକ ଅଂଶବିଶେଷ ଥିଲା ବୋଲି ନେତୃବୃନ୍ଦ ପ୍ରକାଶ କରି ରାଉରକେଲା ସହର ତାଙ୍କର ଅନବଦ୍ୟ ସୃଷ୍ଟି ବୋଲି କହିଥିଲେ । ତାଙ୍କ ନୀତିକୁ ଅନୁସରଣ କରି ସୁସ୍ଥ, ସମୃଦ୍ଧ ଓ ସ୍ୱାଭିମାନୀ ରାଉରକେଲା ଗଠନରେ ଆମେ ସଫଳ ହେଲେ ତାହା ତାଙ୍କ ପ୍ରତି ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ହେବ ବୋଲି ଏହି ଅବସରରେ ନେତୃବୃନ୍ଦ ପ୍ରକାଶ କରିଥିଲେ । ବରିଷ୍ଠ କଂଗ୍ରେସ ନେତା ବିରେନ ସେନାପତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଶାନ୍ତ ସେଠୀ, ରୋହିତ ଯୋଶେଫ ତିର୍କୀ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ଦେବବ୍ରତ ବିହାରୀ, ସନ୍ତୋଷ ବିଶ୍ୱାଳ, ଜ୍ୟୋତି ଡୁଙ୍ଗଡୁଙ୍ଗ, ଯୁବ ସଭାପତି ପ୍ରବୋଧ ଦାସ, ସେବାଦଳ ମୁଖ୍ୟ ବିନୋଦ ରାଉତ, ବରିଷ୍ଠ ନେତା ଇନ୍ଦ୍ରମୋହନ ପଣ୍ଡା, ବି.ଏନ୍. ମହାନ୍ତି, ପ୍ରଫୁଲ୍ଲ ପ୍ରଧାନ, କୀର୍ତ୍ତନ ଦାସ, ରଘୁନାଥ ଦାସ, ଚକ୍ରଧର ମହାନ୍ତ, ପ୍ରଦ୍ୟୁମ୍ନ ଷଡଙ୍ଗୀ, ଦିବାକର ଦୀପ, ରବୀନ୍ଦ୍ର ନାୟକ, ସୁଧୀର ନାଥ, ସରୋଜ ପଟ୍ଟନାୟକ, ପ୍ରତାପ ବେହେରା, ଦିଲ୍ଲୀପ ଜେନା, ଯୁବନେତା ଜ୍ଞାନେନ୍ଦ୍ର ଦାସ, ପ୍ରସନ୍ନ ବଳିୟାରସିଂ, ସରୋଜ ମହାନ୍ତି, ରତିକାନ୍ତ ମଲ୍ଲିକ, ରାଜେଶ ପତି, ବିଶ୍ୱରଞ୍ଜନ ରାଉତ, ବିଶ୍ୱଜିତ ସାହୁ, ସମସାଦ ହୁସେନ, ଶୁକଦେବ ପଣ୍ଡା, ଦେବେନ୍ଦ୍ର ଥାଟୋଇ, ନାରୀନେତ୍ରୀ ରଣଜିତା ମଲ୍ଲିକ, ସରିତା ଟପ୍ପୋ, ମାରିନା ଲୁଗୁନ ପ୍ରମୁଖ ଅଂଶଗ୍ରହଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ବଡ଼ଚଣା କଂଗ୍ରେସ ପକ୍ଷରୁ ନେହେରୁଙ୍କ ୧୩୦ତମ ଜୟନ୍ତୀ ପାଳିତ

ବାଲିଚନ୍ଦ୍ରପୁର (ପିଏନ)- ବଡ଼ଚଣା ବ୍ଲକ ଅନ୍ତର୍ଗତ ବିକ୍ରମତିରଣ ପଞ୍ଚାୟତର ଗୋବଣ୍ଡିଆ ଦୁର୍ଗା ମଣ୍ଡପଠାରେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ୧୩୦ତମ ଜୟନ୍ତୀ ପାଳିତ ହୋଇଯାଇଛି । ପ୍ରାରମ୍ଭରେ ନେହେରୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବଡ଼ଚଣା କଂଗ୍ରେସ ନେତା ଅଜୟ କୁମାର ସାମଲ ଯୋଗ



ଦେଇ ନେହେରୁଙ୍କ ତ୍ୟାଗ ପୂର୍ଣ୍ଣ ଜୀବନୀ ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧରେ ବରିଷ୍ଠ କଂଗ୍ରେସ ନେତା କାର୍ତ୍ତିକ ନାୟକ, ମାନଭଞ୍ଜନ ରାଉତରାୟ, ସେକ୍ ରିୟାସତ୍ ଅଲ୍ଲୀ, ବିଶ୍ୱ ପ୍ରକାଶ ସାମଲ, ସୁଧାଂଶୁ ଶେଖର ଜେନା, ସଞ୍ଜୟ କର, ଅଶୋକ କୁମାର ରାଉତ, ପୂର୍ଣ୍ଣଚନ୍ଦ୍ର ନାୟକ, ଜୟଦେବ ପଣ୍ଡା, ନାରାୟଣ ଚନ୍ଦ୍ର ଦାସ ଓ ମହିଳା କଂଗ୍ରେସ ସଭାପତି ନିରୁପମା ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

# ମୁରୁସୁଆଁ ଗ୍ରାମରେ କରମା ପୂଜା ଅନୁଷ୍ଠିତ



ଯୋଡା,୧୪/୧୧(ପିଏନ୍): ଯୋଡା ବ୍ଲକ ଅନ୍ତର୍ଗତ ମୁରୁସୁଆଁ ଗ୍ରାମରେ କରମା ପୂଜା ମହାସମାରୋହରେ ଉଦ୍‌ଯାପିତ ହୋଇଯାଇଛି । ଏହି ପୂଜା ଗତ ଶନିବାର ଦିନ ଠାରୁ ଆରମ୍ଭ କରାଯାଇଥିଲା । ପୂଜାମଣ୍ଡପ କୁ ଆକର୍ଷଣୀୟ ଢଙ୍ଗରେ ସାଜସଜ୍ଜା କରାଯାଇଥିଲା । ଗ୍ରାମବାସୀ ମାନେ କାର୍ତିକ ପୂର୍ଣ୍ଣିମା ଦିନ କରମା ଗଛକୁ ରିତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିବା ପରେ କରମା ଗଛ ଡାଳକୁ ଆଣି ପୂଜାମଣ୍ଡପରେ ରଖି ଗ୍ରାମବାସୀ ମାନେ କରମା ଗୀତଗାଇ ନାଚଗୀତ କରିଥିଲେ । ଦୁଇଦିନ ଧରି ସଂନ୍ଧ୍ୟାରେ ଜଗା ଡ୍ୟାନ୍ସ ଗ୍ରୁପ ପକ୍ଷରୁ ବିଭିନ୍ନ ନୃତ୍ୟ ପରିବେଷଣ କରାଯାଇଥିଲା ।ଏଥିରେ ମୁଖ୍ୟ ପୂଜକ ଭାବେ କିଶୋର ପାତ୍ର ପୂଜାର୍ଚ୍ଚନା କରିଥିଲେ । ଏହି ଉତ୍ସବରେ ଆନନ୍ଦ ପାତ୍ର, ରାଧୁ ପାତ୍ର, ହିମାଦ୍ରୀ ପାତ୍ର, ପ୍ରହ୍ଲାଦ ପାତ୍ର, ବୁଧନ ପାତ୍ର, ହୁତାସନ ପାତ୍ର, ମୀନା ପାତ୍ର, ସଦାଶିବ ପାତ୍ର, ସୁବାଷ ପାତ୍ର, ତ୍ରିବନ ପାତ୍ର, ପୂର୍ଣ୍ଣଚନ୍ଦ୍ର ପାତ୍ର, ନିରୁପମା ପାତ୍ର, ସାନ୍ତନୁ ପାତ୍ର, ଦେବାନନ୍ଦ ପାତ୍ର, କନ୍ଦର୍ପ ପାତ୍ର, ଶୁକଦେବ ପାତ୍ର, ନବିନ ପାତ୍ର, ଅନାମୀ ପାତ୍ର, ଜଗା ପାତ୍ର, ନନ୍ଦିନୀ ପାତ୍ରଙ୍କ ସମେତ ଗ୍ରାମବାସୀ ମାନେ ପରିଚାଳନା କରିଥିଲେ । ଏହି ଉତ୍ସବକୁ ଦେଖିବା ପାଇଁ ଚମକପୁର, ଦଡୁଆଁ, ବାସୁଦେବପୁର, ପୁଟୁଗାଁ, ସରୁପତଳା ଓ କେନ୍ଦୁଝରସ୍ଥିତ କେମ୍‌ସଳା ଗ୍ରାମରୁ ଶ୍ରଦ୍ଧାଳୁ ମାନଙ୍କର ଭିଡ ଜମିଥିଲ ।

## ପୁରୀକୁ ସ୍ୱଚ୍ଛ ଆଇକନିକ୍ ସ୍ଥାନରେ ରୂପାନ୍ତରିତ କରିବା ପାଇଁ ନାଲ୍‌କୋର ପ୍ରୟାସ ଅବ୍ୟାହତ

# ୫ଟି ବ୍ୟାଟେରିଚାଳିତ ଯାନ ଏବଂ ଗୋଟିଏ ପିସିଆର୍ ମୋବାଇଲ୍ ଭ୍ୟାନ୍ ପ୍ରଦାନ

ଭୁବନେଶ୍ୱର, (ପିଏନ) : ପୁରୀକୁ ଏକ ସ୍ୱଚ୍ଛ ଆଇକନିକ୍ ସ୍ଥାନରେ ରୂପାନ୍ତରିତ କରିବା ପାଇଁ ନବରତ୍ନ ଲୋକଉଦ୍ୟୋଗ ନ୍ୟାସନାଲ୍ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍ (ନାଲ୍‌କୋ) ପକ୍ଷରୁ ଉଦ୍ୟମ ଅବ୍ୟାହତ ରହିଛି । ଏହି କ୍ରମରେ, ନାଲ୍‌କୋ ପକ୍ଷରୁ ଆଜି ପୁରୀର ଜନସାଧାରଣଙ୍କ ନିମନ୍ତେ ପରିବେଶ ପାଇଁ ଅନୁକୂଳ ୫ଟି ବ୍ୟାଟେରୀ-ଚାଳିତ ଯାନ ଏବଂ ଗୋଟିଏ ପିସିଆର୍ ମୋବାଇଲ୍ ଭ୍ୟାନ୍ ପ୍ରଦାନ କରାଯାଇଛି । ଭିନ୍ନକ୍ଷମ, ଅସୁସ୍ଥ ବ୍ୟକ୍ତି ତଥା ବରିଷ୍ଠ ଜନସାଧାରଣଙ୍କ ସୁବିଧା ପାଇଁ ନାଲ୍‌କୋ ପକ୍ଷରୁ ଆଉ ୫ଟି ବ୍ୟାଟେରୀ-ଚାଳିତ ଯାନ ପ୍ରଦାନ କରିଛନ୍ତି ଯାହାକି ପୁରୀରେ ଜଗନ୍ନାଥ ମନ୍ଦିର ଏବଂ ଜଗନ୍ନାଥ ବଲ୍ଲଭ ମଠ ମଧ୍ୟରେ ଯାତାୟତ କରିବ । ଆଜିର ଏହି ବ୍ୟାଟେରି-ଚାଳିତ



ବାହନର ପ୍ରଦାନ ପରେ ନାଲ୍‌କୋ ପକ୍ଷରୁ ସମୁଦାୟ ୧୨ଟି ଯାନ ପ୍ରଦାନ କରାଯାଇଛି । କମ୍ପାନୀ ପକ୍ଷରୁ ପ୍ରଦତ୍ତ ୫ଟି ଇଲେକ୍ଟ୍ରିକ୍ ଯାନ ଜଗନ୍ନାଥ ବଲ୍ଲଭ ମଠ ଏବଂ ଜଗନ୍ନାଥ ମନ୍ଦିର ମଧ୍ୟରେ ଚଳାଚଳ କରୁଥିବା ବେଳେ ଆଉ ୨ଟି ଯାନ ପୁରୀ ରେଲ୍‌ୱେ ଷ୍ଟେସନ୍‌ରେ ପର୍ଯ୍ୟଟକ ଓ ତୀର୍ଥଯାତ୍ରୀଙ୍କ ସୁବିଧା ପାଇଁ କାର୍ଯ୍ୟ କରୁଛି । ଏହି ମହତ୍ କାର୍ଯ୍ୟ ଦ୍ୱାରା ପୁରୀରେ ପର୍ଯ୍ୟଟକ ଓ ତୀର୍ଥଯାତ୍ରୀଙ୍କ ଚଳପ୍ରଚଳ ସୁଗମ ହୋଇପାରିବ । ଏହି ବ୍ୟାଟେରୀ-ଚାଳିତ ବାହନର ଶୁଭାରମ୍ଭ ସହ ପୁରୀ ପୁଲିସ୍‌କୁ ଏକ ପିସିଆର୍ ଭ୍ୟାନ୍ ମଧ ପ୍ରଦାନ କରାଯାଇଥିଲା ଯାହା କି ସେମାନଙ୍କ ଯୋଗାଯୋଗ ଓ ପ୍ରତିକ୍ରିୟା ସମୟକୁ ଉନ୍ନତ କରିବାରେ ସହାୟକ ହେବ । ଏହି ବାହନଗୁଡ଼ିକର ଶୁଭାରମ୍ଭ କେନ୍ଦ୍ର ଖଣି ମନ୍ତ୍ରାଳୟର ଅତିରିକ୍ତ ସଚିବ ଡଃ କେ. ରାଜେଶ୍ୱର ରାଓ, ନାଲ୍‌କୋର ଅଧକ୍ଷ ଡଃ ତପନ କୁମାର ଚାନ୍ଦ ଏବଂ ନାଲ୍‌କୋ ନିର୍ଦ୍ଦେଶକବୃନ୍ଦଙ୍କ ଦ୍ୱାରା ପୁରୀର ଜନସାଧାରଣଙ୍କ ଉପସ୍ଥିତିରେ ହୋଇଥିଲା ।




# କାର୍ତ୍ତିକ ବ୍ରତ : ଓଡ଼ିଶାର ନିଆରା ପରମ୍ପରା



ହେମନ୍ତ ପ୍ରକୃତିର ମେଘମୁକ୍ତ ଆକାଶ ତଳେ ଧରଣୀ ରାଣୀ ପାର୍ବତୀ ନନ୍ଦନ କାର୍ତ୍ତିକେୟଙ୍କ ବନ୍ଦନାରେ ଆତ୍ମବିସ୍ମୃତ ହୋଇଉଠେ। ଦେବ ସେନାପତି ଚିରକୁମାର କାର୍ତ୍ତିକେୟଙ୍କ ଆରାଧନା ଏହି ମାସରେ କରାଯାଏ। କାର୍ତ୍ତିକ ଏକ ଧର୍ମ ମାସ ରୂପେ ପରିଚିତ। ଏହି ମାସରେ ବୟସ୍କ ତଥା ଧର୍ମପ୍ରାଣ ଆବାଳ-ବୃଦ୍ଧ-ବନିତା ପ୍ରତ୍ୟହ ପ୍ରାତଃକାଳରେ ସ୍ନାନ ସମାପନ ପୂର୍ବକ ଦେବ ଦର୍ଶନ ଏବଂ ନଗର ସଂକୀର୍ତ୍ତନରେ ଆତ୍ମବିଭୋର ହୋଇଉଠୁଥିବାର ପରିଲକ୍ଷିତ ହୁଏ। ପୂର୍ଣ୍ଣିମା ପର୍ବ ପାଞ୍ଚଦିନ ପଞ୍ଚକ ପର୍ବ ବା ମହାପଞ୍ଚକ ନାମରେ ପରିଚିତ। ଏହି ପାଞ୍ଚ ଦିନରେ ଅଧିକାଂଶ ହିନ୍ଦୁ ଲୋକ ଆମିଷ ପରିହାର ପୂର୍ବକ ଧର୍ମୀୟ ମନୋଭାବରେ ଦେବତାଙ୍କୁ ପୂଜା କରିଥାନ୍ତି। କୁହାଯାଏ, ଏହି ପାଞ୍ଚଦିନ କାଳ ବଗ ମଧ୍ୟ ଆମିଷ ସ୍ପର୍ଶ କରେନାହିଁ। ଏହି ମାସର ଶୁକ୍ଳପକ୍ଷ ଏକାଦଶୀ ବା ବଡ଼ ଏକାଦଶୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପାଞ୍ଚଦିନ ଧରି ପଞ୍ଚକ ଅନୁଷ୍ଠିତ ହୁଏ। ଏହିଦିନ ସ୍ତ୍ରୀଲୋକମାନେ ରାଇ-ଦାମୋଦର ବ୍ରତ ଉଦ୍‌ଯାପନ କରିଥାନ୍ତି।

ବିଧବାମାନଙ୍କ ପାଇଁ ଏହି କାର୍ତ୍ତିକ ମାସଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେମାନେ ହବିଷ୍ୟ ପାଳନ ପୂର୍ବକ ପ୍ରତ୍ୟହ ସନ୍ଧ୍ୟାରେ ଆକାଶଦୀପ ପ୍ରଜ୍ୱଳନ କରିଥାନ୍ତି। ପ୍ରତ୍ୟେକ ଦିନ ପ୍ରତ୍ୟୁଷରୁ ଶଯ୍ୟାତ୍ୟାଗପୂର୍ବକ ସ୍ନାନ ସମାପନ ପରେ ସେମାନେ ଦେବାଦେବୀ ଦର୍ଶନ ପାଇଁ ଗମନ କରନ୍ତି ଏବଂ ଦେବାଳୟରୁ ପ୍ରତ୍ୟାବର୍ତ୍ତନ ପରେ କାର୍ତ୍ତିକ ମାହାତ୍ମ୍ୟ ପାଠ ବା ଶ୍ରବଣରେ ମନୋନିବେଶ କରିଥାନ୍ତି। ତୁଳସୀ ବୃକ୍ଷକୁ ଏହି ମାସରେ ଅତ୍ୟନ୍ତ ଭକ୍ତି ସହକାରେ ଆରାଧନା କରାଯାଇଥାଏ। କିମ୍ବଦନ୍ତୀ ରହିଛି ଯେ ରାକ୍ଷସ ଜଳନ୍ଧର ନିଜ ସତୀ, ସାଧ୍ୱୀ ପତ୍ନୀ ତୁଳସୀଙ୍କ ପତିବ୍ରତା ବଳରେ ବଳୀୟାନ ହୋଇ ଉଠିଥିଲା ଏବଂ ବୃନ୍ଦାବତୀଙ୍କ ସତୀତ୍ୱ ଅମ୍ଳାନ ରହିଥିବା ପର୍ଯ୍ୟନ୍ତ ଦେବତାମାନେ ବହୁଚେଷ୍ଟା ସତ୍ତ୍ୱେ ଜଳନ୍ଧରର କୌଣସି ଅନିଷ୍ଟ କରିପାରିନଥିଲେ।

ଆକାଶଦୀପ ପ୍ରତିଷ୍ଠା ପବିତ୍ର କାର୍ତ୍ତିକ ବ୍ରତର ଆଉ ଏକ ମହତ୍ତ୍ୱପୂର୍ଣ୍ଣ ଅବଦାନ। କାର୍ତ୍ତିକ ମାସ ବେଳକୁ ପିତୃପକ୍ଷ ଆରମ୍ଭ ହୋଇଯାଇଥାଏ। ପ୍ରେତପୁରୁଷ ତଥା ପିତୃଗଣଙ୍କୁ ପଥ ପ୍ରଦର୍ଶନ ଏବଂ ସେମାନଙ୍କ ଅନ୍ଧକାରାଚ୍ଛନ୍ନ ଦୁର୍ଗମ ପଥକୁ ଆଲୋକିତ କରିବା ସକାଶେ ଉଚ୍ଚ ସ୍ଥାନରେ ଏହି ପ୍ରଦୀପ ଜ୍ୱଳନ ବିଧି ପ୍ରଚଳିତ। ତେଣୁ ପ୍ରାୟତଃ ପ୍ରତ୍ୟେକ ଗ୍ରାମରେ ଏକ ଉଚ୍ଚ ବାଉଁଶ ଖୁଣ୍ଟ ଉପରେ ପ୍ରତି ସନ୍ଧ୍ୟାରେ ଆକାଶଦୀପ ପ୍ରଜ୍ୱଳିତ କରି ରଖାଯାଇଥାଏ। କିମ୍ବଦନ୍ତୀରୁ ଜଣାଯାଏ ଦଣ୍ଡକାରଣ୍ୟରେ ସୀତାଙ୍କ ସହିତ ରାମଚନ୍ଦ୍ର ବନ ଭ୍ରମଣ କରୁଥିବା ସମୟରେ ସେଠାରେ ମୁନିଋଷିମାନେ ରାମଚନ୍ଦ୍ରଙ୍କ କାନ୍ତି ସନ୍ଦର୍ଶନରେ ମୁଗ୍ଧ ହୋଇ ନାରୀ ରୂପେ ତାଙ୍କ ସାହଚର୍ଯ୍ୟ ଲାଭ କରିବାକୁ ମନେ ମନେ ଇଚ୍ଛା ପ୍ରକାଶ କଲେ। ନରଦେହୀ ଗୋଲକ ବିହାରୀ ମୁନିଋଷିଙ୍କ ଅନ୍ତର୍ନିହିତ ଉଦ୍ଦେଶ୍ୟ ଅବଗତ ହୋଇ ସେମାନଙ୍କ ଅଭୀପ୍ସା ଚରିତାର୍ଥ ହେବା ସକାଶେ ଦ୍ୱାପର ଯୁଗରେ ସେମାନେ ଗୋପୀ ରୂପେ ଜନ୍ମଲାଭ କରିବାକୁ ବର ପ୍ରଦାନ କଲେ। ତଦନୁସାରେ ସେମାନେ ଗୋପୀ ରୂପେ ଜନ୍ମଲାଭ ଏବଂ ସ୍ୱୟଂ ନାରାୟଣ କୃଷ୍ଣ ରୂପେ ଆବିର୍ଭୂତ ହୋଇ ସେମାନଙ୍କ ବାସନା ଚରିତାର୍ଥ କରିଥିଲେ। ଗୋପାଙ୍ଗନାମାନେ କୃଷ୍ଣଙ୍କ ସାନିଧ୍ୟ ଲାଭ ଆଶାରେ କୁମାର ପୂର୍ଣ୍ଣିମାଠାରୁ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ପ୍ରତ୍ୟହ ପ୍ରତ୍ୟୁଷରୁ ସ୍ନାନ ସମାପନ ପୂର୍ବକ ବାଲିରେ କୃଷ୍ଣଙ୍କ ମୂର୍ତ୍ତି ସ୍ଥାପନ କରୁଥିଲେ। ପୂର୍ଣ୍ଣିମା ଅବକାଶରେ କଦଳୀପଟୁଆ ନିର୍ମିତ ଡଙ୍ଗା ଭସାଇବା ବିଧି ପ୍ରଚଳିତ। ସେ ଦିନ ସମସ୍ତେ କଦଳୀ ବାହୁଙ୍ଗା ବା ସୋଲ ତିଆରି ଡଙ୍ଗାରେ ଦୀପ ଜାଳି ଏବଂ ସେଥିରେ ପାନଗୁଆ ଥୋଇ ଭସାଇଥାନ୍ତି।

**ନାଟ୍ୟସାରଥି ଅଭୟ କୁମାର ଦାସ, ଗୋତରା, ମାହାଙ୍ଗା, କଟକ, ଦୂରଭାଷ : ୯୪୩୭୧୪୨୭୧୭**

## ରୂପ୍‌ସା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ନିର୍ମାଣାଧୀନ ବିଲ୍‌ଡିଂ ବିପଦସଙ୍କୁଳ

ବାଲେଶ୍ୱର (ପିଏନ୍‌): ସଦର ବ୍ଲକ ଅନ୍ତର୍ଗତ ରୂପ୍‌ସା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଚାଲିଥିବା ନିର୍ମାଣାଧୀନ ଦୁଇ ମହଲା ଘର ଏବେ ବିପଦସଙ୍କୁଳ ଅବସ୍ଥାରେ। ନିର୍ମାଣ କାର୍ଯ୍ୟ ଏତେ ନିମ୍ନମାନର ହୋଇଛି ଯେ ଇଟା ସିମେଣ୍ଟ ଯୋଡେଇରେ ହାତ ଲଗାଇଲେ ସେଥିରୁ ଖଣ୍ଡ ଖଣ୍ଡ ହୋଇ ପ୍ଲାଷ୍ଟର ଗଳିପଡୁଛି। ଭିତରେ ବସିଥିବା ଟାଇଲଗୁଡିକ ଠିକ୍ ଭାବେ ଲଗାଯାଇନଥିବାରୁ ସେଗୁଡିକ ମଧ୍ୟ ଗଳିପଡିବାର ସମ୍ଭାବନା ରହିଛି। ରୂପ୍‌ସା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଉକ୍ତ ନିର୍ମାଣାଧୀନ ବିଲ୍‌ଡିଂ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗର ତତ୍ତ୍ୱାବଧାନରେ ଚାଲିଛି। ଏଥିପାଇଁ ୫୫ ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଥିବା ବେଳେ ୬ ହଜାର ବର୍ଗଫୁଟ୍ ଜାଗାରେ ଘର ତିଆରି ଚାଲିଛି। ଏହି କାମ ଅତ୍ୟନ୍ତ ନିମ୍ନମାନର ଓ ଭବିଷ୍ୟତରେ ଏହା ସମସ୍ତଙ୍କ ପାଇଁ ବିପଦସଙ୍କୁଳ ବୋଲି ଅଭିଯୋଗ କରି ସ୍ଥାନୀୟ ବାସିନ୍ଦା ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ୩୭ଟି ପଞ୍ଚାୟତର ଜନସାଧାରଣ ଏହା ଉପରେ ନିର୍ଭର କରନ୍ତି। ତେଣୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଭିତ୍ତିଭୂମିର ବ୍ୟାପକ ପରିବର୍ତ୍ତନ କରାଯାଉଥିବା ବେଳେ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନିର୍ମାଣାଧୀନ ଘର ସମସ୍ତଙ୍କ ପାଇଁ ବିପଦସଙ୍କୁଳ ହୋଇଛି। ଏଥିନେଇ ସେମାନେ ବାଲେଶ୍ୱର ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ନିର୍ମାଣାଧୀନ କାର୍ଯ୍ୟ କରୁଥିବା ଏଜେନ୍ସି ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

# ମଣ୍ଡଳସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ

କେନ୍ଦୁଝର (ପିଏନ୍‌): ସର୍ବଶିକ୍ଷା ଅଭିଯାନ ପକ୍ଷରୁ ସୁରଭି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ଏହି ପରିପ୍ରେକ୍ଷୀରେ ହାଟଡିହି ଶିକ୍ଷା ଜିଲାର ମଣ୍ଡଳ ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗୀତା କରାଯାଇଥିଲା। ପୂର୍ବରୁ କ୍ଲଷ୍ଟର ସ୍ତରୀୟ ପ୍ରତିଯୋଗୀତା କରାଯାଇଥିଲା। ଯେଉଁମାନେ କ୍ଲଷ୍ଟର ସ୍ତରରେ କୃତିତ୍ୱ ହାସଲ କରିଥିଲେ ସେହିମାନେ ବ୍ଲକ ସ୍ତରୀୟ ପ୍ରତିଯୋଗୀତାରେ ଭାଗ ନେଇଥିଲେ। କୃତୀ ଛାତ୍ରଛାତ୍ରୀମାନଙ୍କୁ ନେଇ ମଣ୍ଡଳସ୍ତରୀୟ ପ୍ରତିଯୋଗୀତା ମରେଇଗାଁ ହାଇସ୍କୁଲ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି। ଏଥିରେ ବିଭିନ୍ନ ବିଭାଗର ପ୍ରତିଯୋଗୀତା କରାଯାଇଥିଲା। ବିଭିନ୍ନ ବିଭାଗର ଶିକ୍ଷକ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ ଜଜ୍ ଭାବେ ରହି ବିଭିନ୍ନ ବିଭାଗର କୃତୀ ଛାତ୍ରଛାତ୍ରୀଙ୍କୁ ମନୋନୟନ କରାଯାଇଥିଲା। ୨ୟ ପର୍ଯ୍ୟାୟରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଇଓ କ୍ଷିରୋଦ କୁମାର ତ୍ରିପାଠୀ, ବିଆରସିସି ବିନୋଦ ରାଉତ, ଏବିଇଓ ସୁରଥ କୁମାର ସାହୁ, ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ମମତା ପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଶିଶୁମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ଗୁଣାବଳୀର ପରିପ୍ରକାଶରେ ସୁରଭି କାର୍ଯ୍ୟକ୍ରମ ଏକ ପ୍ରକୋଷ୍ଠ ଅଟେ। ତା'ଛଡ଼ା ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗୀତା ସୃଷ୍ଟି ହୋଇଥାଏ ବୋଲି ମତବ୍ୟକ୍ତ ହୋଇଥିଲା। ଏହି ପ୍ରତିଯୋଗୀତା କାର୍ଯ୍ୟକ୍ରମରେ ସିଡବ୍ଲୁଏସଏନ ସଂଗୀତରେ ବାଇଧର ନୋଡ଼ାଲ ବିଦ୍ୟାଳୟ ଶାସଙ୍ଗର ୮ମ ଶ୍ରେଣୀର ଛାତ୍ର ସୁଧାଂଶୁ ଶେଖର ସେଠୀ ୧ମ, ଉଚ୍ଚବିଦ୍ୟାଳୟ ଶାସଙ୍ଗର ନବମ ଶ୍ରେଣୀ ମାମା ବେହେରା ୨ୟ ସ୍ଥାନ, ଅନନ୍ତ ଗୋପାଳ ଉପ୍ରା ବିଦ୍ୟାଳୟ ବଂଚୋର ୮ମ ଶ୍ରେଣୀ ହିମାଂଶୁ ଶେଖର ରାଉତ ୩ୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଚିତ୍ରାଙ୍କନରେ ଶିବନାରାୟଣପୁର ଉପ୍ରା ବିଦ୍ୟାଳୟର ୪ର୍ଥ ଶ୍ରେଣୀର ଛାତ୍ରୀ ପ୍ରକାଶିନୀ ସାହୁ ୧ମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବରିଷ୍ଠ ବିଭାଗର କୁଇଜରେ ଆରବି ଉଚ୍ଚବିଦ୍ୟାଳୟ ସଡ଼ଙ୍ଗର ପ୍ରଦ୍ୟୁଷ ଶ୍ରୀଚନ୍ଦନ ନାୟକ ୧ମ, ସାରଦେଇ ବାଳିକା ଉଚ୍ଚ ବିଦ୍ୟାଳୟ ସଡ଼ାର ଶୁଭଲକ୍ଷ୍ମୀ ରାଉତ ୨ୟ, ପଡ଼ିଆରୀପଲ୍ଲୀ ନୋଡ଼ାଲ ବିଦ୍ୟାଳୟର ଦେବବ୍ରତ ବେହେରା ୩ୟ ସ୍ଥାନ ଅଧିକାର କରିଛନ୍ତି। ସୃଜନଶୀଳ ଲିଖନରେ ଶାସଙ୍ଗ ହାଇସ୍କୁଲର ଲିପ୍ସାମୟୀ ସା ୧ମ, ବାଲିବରେଇ ଉଚ୍ଚ ବିଦ୍ୟାଳୟର ଅର୍ପିତା ରାଣୀ ପହି ୨ୟ, ଗୋପୀନାଥ ଜିଓ ଆମ୍ବୋର ଦେବସ୍ମିତା ପରିଡ଼ା ୩ୟ ସ୍ଥାନ ଅଧିକାର କରିଛନ୍ତି। ବକ୍ତୃତାରେ ବାଲିବରେଇ ଉଚ୍ଚ ବିଦ୍ୟାଳୟର ଇପ୍ସିତା ପଡ଼ିଆରୀ ୧ମ, ନିଶାକର ଉଚ୍ଚବିଦ୍ୟାଳୟ ବାରିଙ୍ଗାର ସୋନାଲି ପୁହାଣ ୨ୟ, ଆଶାଦେବୀ ଉଚ୍ଚ ବିଦ୍ୟାଳୟ ଜମ୍ବିରାର ବର୍ଷାରାଣୀ ଜେନା ୩ୟ ସ୍ଥାନ ଅଧିକାର କରିଛନ୍ତି। ଚିତ୍ରାଙ୍କନରେ ବାଲିବରେଇ ଉଚ୍ଚବିଦ୍ୟାଳୟର ସହଦେବ ସିଂ ୧ମ, ବିଜେଭିଏମ ହାଇସ୍କୁଲ ଆମ୍ବୋର ଦୀପକ କୁମାର ଜେନା ୨ୟ, ବ୍ରାହ୍ମଣୀକଳା ହାଇସ୍କୁଲର ମାନସ କୁମାର ସୋରେନ ୩ୟ ସ୍ଥାନ ଅଧିକାର କରିଛନ୍ତି। ବିତର୍କରେ ସୋସୋ ବାଳିକା ଉଚ୍ଚବିଦ୍ୟାଳୟର ଶୁଭଶ୍ରୀ ପ୍ରଧାନ ୧ମ, ନିଶାକର ଉଚ୍ଚବିଦ୍ୟାଳୟ ବାରିଙ୍ଗାର ଆୟୁଷ୍ମତୀ ବେହେରା ୨ୟ, ବାଲିବରେଇ ଉଚ୍ଚବିଦ୍ୟାଳୟର ରାଜଶ୍ରୀ ଜେନା ୩ୟ ସ୍ଥାନ ଅଧିକାର କରିଛନ୍ତି। ରଚନାରେ ବାଲିବରେଇ ଉଚ୍ଚ ବିଦ୍ୟାଳୟର ସୌମ୍ୟଶ୍ରୀ ପ୍ରିୟଦର୍ଶନୀ ଜେନା ୧ମ, ଏମସିବିଏମ ନନ୍ଦିପଦା ହାଟ ହାଇସ୍କୁଲର ଜ୍ୟୋତିଶ୍ରୀ ଦାସ ଦ୍ୱିତୀୟ, ଗେଡ଼ମା ଉଚ୍ଚ ବିଦ୍ୟାଳୟର ଚିନ୍ମୟୀ ଦାସ ୩ୟ ସ୍ଥାନ ଅଧିକାର କରିଛନ୍ତି। ସଂଗୀତରେ ପନ୍ଦାଡ଼ୋ ଉଚ୍ଚବିଦ୍ୟାଳୟର ସ୍ମୃତିରେଖା ସାହୁ ୧ମ, ସଡ଼ଙ୍ଗ ଉଚ୍ଚ ବିଦ୍ୟାଳୟର ଅଭିଜିତ ବେହେରା ୨ୟ, ଆଶାଦେବୀ ଉଚ୍ଚ ବିଦ୍ୟାଳୟ ଜମ୍ବିରାର ଅର୍ଚ୍ଚିତା ଓଝା ୩ୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଜୁନିୟର ବିଭାଗର କୁଇଜରେ ବିସିୟୁପିଏସ ଓରାଳିର ବିଭୂନାରାୟଣ ରାଉତ ୧ମ ସ୍ଥାନ ଅଧିକାର କରିଥିବା ବେଳେ ମରେଇଗାଁ ବିଦ୍ୟାଳୟର ଦେବାଶିଷ ମିଶ୍ର ୨ୟ, ନୂଆଗାଁ ବିଦ୍ୟାଳୟର ଲକ୍ଷ୍ମୀପ୍ରିୟା ବେହେରା ୩ୟ ସ୍ଥାନ ଅଧିକାର କରିଛନ୍ତି। ସୃଜନଶୀଳ ଲିଖନରେ ବାଇଧର ନୋଡ଼ାଲ ଶାସଙ୍ଗର ଚିତ୍ରେଶ୍ୱରୀ ବେହେରା ୧ମ, ବେଲବନ୍ଧ ନୋଡ଼ାଲ ବିଦ୍ୟାଳୟର ସୌମ୍ୟରଂଜନ ସାହୁ ୨ୟ, ଇଂଚୋଳ ପ୍ରାଥମିକ ବିଦ୍ୟାଳୟର ଏନ.କେ ଶ୍ରୀବିଦ୍ୟା ମଲ୍ଲିକ ୩ୟ ସ୍ଥାନ ଅଧିକାର କରିଛନ୍ତି। ସୁନ୍ଦର ହସ୍ତାକ୍ଷରରେ ଅଢ଼େଇଦ୍ୱାର ମତବାଜ ବିଦ୍ୟାଳୟର ଗାୟତ୍ରୀ ସ୍ୱାଇଁ ୧ମ, ବାଲିବରେଇ ବିଦ୍ୟାଳୟର ପ୍ରଭାସ ରଂଜନ ରାଉଳ ୨ୟ, ସତ୍ୟନାରାୟଣ ଉପ୍ରାବିଦ୍ୟାଳୟ ସାହାପୁରର ମନସ୍ୱିତା ସାହୁ ୩ୟ ସ୍ଥାନ ଅଧିକାର କରିଛନ୍ତି। ବକ୍ତୃତାରେ ବାଣେଶ୍ୱରୀ ନୋଡ଼ାଲ ନୂଆଗାଁର ଆଶାଲତା ନାୟକ ୧ମ, ସୋସୋ ନୋଡ଼ାଲ ଉପ୍ରା ବିଦ୍ୟାଳୟର ହିମାଂଶୁ ଶେଖର ରଣା ୨ୟ, ମୁଗୁପୁର ବିଦ୍ୟାଳୟର ପ୍ରିୟଦର୍ଶନୀ ଜେନା ୩ୟ ସ୍ଥାନ ଅଧିକାର କରିଛନ୍ତି। ଚିତ୍ରାଙ୍କନରେ ବାଲିବରେଇ ଉପ୍ରାବିଦ୍ୟାଳୟର ଶୁଭସ୍ମିତା ରାଉତ ୧ମ, ମରେଇଗାଁ ବିଦ୍ୟାଳୟର ଲକ୍ଷ୍ମଣ ସୋରେନ ୨ୟ, ସୋସୋ ନୋଡ଼ାଲ ବିଦ୍ୟାଳୟର ସୁଶୀଳ କୁମାର ମାଝୀ ୩ୟ ସ୍ଥାନ ଅଧିକାର କରିଛନ୍ତି। ସଂଗୀତରେ ମୁଗୁପୁର ଉଚ୍ଚବିଦ୍ୟାଳୟର ପ୍ରିୟଙ୍କା ପ୍ରିୟଦର୍ଶନୀ ସାହୁ ୧ମ, ମଠ ଉପ୍ରା ବିଦ୍ୟାଳୟର ସୁଦୀପା ଦ୍ୱିବେଦୀ ୨ୟ, ବାଲିବରେଇ ଉଚ୍ଚ ବିଦ୍ୟାଳୟର ଶୁଭସ୍ୱପ୍ନା ପଣ୍ଡିତ ୩ୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଏମଡିଏମ ଚିତ୍ରାଙ୍କନରେ ସ୍ୱୟମଶ୍ରୀ ଚକ୍ର ୧ମ, ସୁଉଟ୍ ଆକାଙ୍କ୍ଷା ସାହୁ ୨ୟ, ତୁଷାରରଂଜନ ବିଶ୍ୱାଳ ୩ୟ ସ୍ଥାନ ଅଧିକାର କରିଥିବା ବେଳେ ଶିଳ୍ପକଳାରେ ସୋନାଲି ମନସ୍ମିତା ଦାସ ୧ମ, ସୁମିତ କୁମାର ପୁହାଣ ୨ୟ, ପ୍ରିତମ କୁମାର ରାଉତ ୩ୟ ସ୍ଥାନ ଅଧିକାର କରିଛନ୍ତି। ଏଥିରେ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ସମସ୍ତ ସିଆରସିସିମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।


# DISPLAY CLASSIFIED

**FOR ADVERTISEMENT CONTACT**
(0674) 2550751/2555116
Fax: (0674) 2550504
E-mail : paryabekhyak@sify.com
paryabekhyak@gmail.com

**TARIFF:** 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

**DKB'S CONCEPTUAL CHEMISTRY**
Behind SC/ST Hostel College Campus, Bhadrak, Cell : 9337612220
*A complete Chemistry point for funding fundamentals.*
Contact for Coaching in +2 Science, CBSE, OJEE (E&M), AIPMT & AIEEE

**ADMISSION ON**
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

**VED BHAWAN**
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Mahaditya Publication

Gyandeep
THE CRECHE

**ADMISSION ON**
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Praggan Communication


## ବଡବିଲ ରଇଡା ମାଇନ୍ସରେ ଚାଲିଛି ଗୁଣ୍ଡାରାଜ୍



କେନ୍ଦୁଝର (ପିଏନ୍‌): ବଡବିଲ ରଇଡା ସି ଆଇରନ୍ ଏବଂ ମାଙ୍ଗାନିଜ୍ ମାଇନ୍ସରେ ଖଣିଜ ଉତ୍ତୋଳନ ପାଇଁ ପିକେ ଓରସ ପ୍ରାଇଭେଟ୍ ଲିମିଟେଡ୍ ନାମକ କମ୍ପାନୀ ୫ ବର୍ଷ ହେଲାଣି ଠିକା ନେଇଥିବା ଜଣାପଡିଛି। ତେବେ ଅର୍ଥ ଓ ବାହୁ ବଳରେ ସେ ଅଂଚଳରେ କିଛି ମୁଷ୍ଟିମେୟ ସରକାରୀ ବାବୁ ଓ କୁଜିନେତାଙ୍କର ପକେଟ୍ ଗରମ କରି ନିୟମ କାନୁନ୍‌କୁ ଦିନ ଦ୍ୱିପହରରେ ଉଲଂଘନ କରିବା ସହ ବେଧଡକ ଭାବେ ନିଜ ମନମାନିରେ ଖଣି କାମ ପାଇଁ ଗୁଣ୍ଡାରାଜ୍ ଚଳାଇଆସିଛି। ଅଭିଯୋଗ ଅନୁସାରେ କମ୍ପାନୀ ଦେଇଥିବା ପ୍ରତିଶ୍ରୁତି ଏଯାଏଁ ଆଦୌ ପାଳନ କରି ନ ଥିବାବେଳେ ବର୍ଷ ବର୍ଷ ଧରି ଶ୍ରମିକମାନଙ୍କୁ ଠକି ଚାଲିଛି। ଫଳରେ ଲେବରମାନଙ୍କ ପି.ଏଫ. ପଇସାର ହିସାବ ମିଳୁ ନ ଥିବାବେଳେ ପି.ଏଫ. ଅର୍ଥ ତୋଷରପାତ ହୋଇଥିବା ଅଭିଯୋଗ ଶୁଣିବାକୁ ମିଳୁଛି। ନିୟମ ଅନୁସାରେ ୧୨% ପି.ଏଫ. ବଦଳରେ ବର୍ଷ ବର୍ଷ ଧରି କମ୍ପାନୀ କର୍ତ୍ତୃପକ୍ଷ ୨୪% ପି.ଏଫ. କାଟୁଥିବା ଓ ପି.ଏଫ. ପଇସା ଡିପୋଜିଟ୍ କରୁ ନ ଥିବା ଖବର ପାଇ କିଛି କର୍ମଚାରୀ ଅଭିଯୋଗ କରିଥିଲେ ମଧ୍ୟ କମ୍ପାନୀର ପୋଷାଗୁଣ୍ଡାମାନେ ସେମାନଙ୍କୁ ଧମକ ଚମକ ଦେବାସହ ଚାକିରିରୁ ଧକା ମାରି ବାହାର କରିଦେଇଥିଲେ ଏବଂ କମ୍ପାନୀ ପକ୍ଷରୁ ଶ୍ରମିକ ମାନଙ୍କୁ ଗୋଟାଏ ବି ପଇସା ଦିଆଯିବନାହିଁ ବୋଲି ରୋକ୍‌ଠୋକ୍ ମନାକରି ଦେଇଥିଲେ। ଏ ସମ୍ବନ୍ଧରେ ସୁପରଭାଇଜର ଶଶିଭୂଷଣ ସାହୁ ଜିଲ୍ଲାପାଳଙ୍କ ପାଖରେ ଅଭିଯୋଗ କରିଛନ୍ତି ଓ ନ୍ୟାୟ ପାଇବା ପାଇଁ ଗୁହାରି କରିଛନ୍ତି। ସେହିପରି ସେ ଅଂଚଳରେ କମ୍ପାନୀ କାର୍ଯ୍ୟ ଯୋଗୁ ପ୍ରଦୂଷଣ ସମସ୍ୟା ବୃଦ୍ଧି ପାଉଥିବାବେଳେ ଶ୍ରମିକମାନଙ୍କ ପାଇଁ ପିଇବା ପାଣିର ସୁବନ୍ଦୋବସ୍ତ କରିନଥିବାରୁ ଖଣି ବାହାରେ ଓ ଭିତରେ ଶ୍ରମିକ ଓ କର୍ମଚାରୀମାନେ ପିଇବା ପାଣି ନିମନ୍ତେ ବିଭିନ୍ନ ସମସ୍ୟାରେ ପଡୁଛନ୍ତି। କମ୍ପାନୀ ତରଫରୁ ରାସ୍ତା ନିର୍ମାଣ କରାନଯାଇ ଗାଡି ଚଳାଚଳ କରୁଥିବାରୁ ଦୀର୍ଘ ସମୟ ଧରି କମ୍ପାନୀ ଗାଡିଗୁଡିକ ରାସ୍ତା ଉପରେ ଛିଡା ହୋଇ ରହୁଥିବାରୁ ଟ୍ରାଫିକ୍ ସମସ୍ୟା ଗୁରୁତର ହେଉଥିବାରୁ ଖଣି ଅଂଚଳର ଲୋକମାନେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଏହାଦ୍ୱାରା କମ୍ପାନୀ ତରଫରୁ ଶ୍ରମିକ କର୍ମଚାରୀ ଓ ଅଂଚଳବାସୀଙ୍କ ନିରାପତା ପାଇଁ କୌଣସି ଦାୟିତ୍ୱ ନଥିବା ଭଳି ମନେହେଉଛି। ବିଭିନ୍ନ ଖଣିରେ କାର୍ଯ୍ୟ କରୁଥିବା ଖଣିଗୁଡିକରେ ଅକାଳରେ ଅନେକ ଶ୍ରମିକମାନଙ୍କର ଜୀବନ ବଳି ପଡୁଥିବା ବେଳେ କମ୍ପାନୀ ତରଫରୁ ସେଥିପାଇଁ ବିହିତ ପଦକ୍ଷେପ ଗ୍ରହଣ କରାଯାଉନାହିଁ ଏବଂ କମ୍ପାନୀ କର୍ତ୍ତୃପକ୍ଷ ନିରୀହ ଜନତାଙ୍କ ଜୀବନ ସହ ଖେଳି ଟଙ୍କା ରୋଜଗାର କରିବାରେ ବ୍ୟସ୍ତ ରହୁଛନ୍ତି। ଏଥିନିମନ୍ତେ ବିଭାଗୀୟ ସରକାରୀ କର୍ମଚାରୀମାନେ ନିଜ ଦାୟିତ୍ୱ ଠିକ୍ ଭାବେ ପାଳନ କରୁନଥିବାରୁ କମ୍ପାନୀ କର୍ତ୍ତୃପକ୍ଷ ଶ୍ରମିକମାନଙ୍କୁ ହେୟଜ୍ଞାନ ମନେକରି ସେମାନଙ୍କୁ ବିଭିନ୍ନ ଉପାୟରେ ଶୋଷଣ କରିବା ସହ ସେମାନଙ୍କ ଜୀବନ ସହ ଖେଳ ଖେଳି ଚାଲିଛି। ରୋଇଡା ଗ୍ରାମବାସୀଙ୍କ କହିବା ଅନୁସାରେ କମ୍ପାନୀ ତରଫରୁ ସେମାନଙ୍କ ପ୍ରତି କ୍ରୀତଦାସ ଭଳି ବ୍ୟବହାର କରାଯାଉଥିବାବେଳେ ସେମାନଙ୍କ ହକ୍‌କୁ କମ୍ପାନୀ ତରଫରୁ ଗୁଣ୍ଡାରାଜ୍ ଚଳାଇ ଦବାଇ ଦିଆଯାଉଛି। ତେଣୁ ଜିଲ୍ଲାପାଳ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଏହାର ଉଚିତ୍ ତଦନ୍ତ କରିବା ସହ ଶ୍ରମିକମାନଙ୍କ ସୁରକ୍ଷା ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ।

## 'ଆୱାରନେସ ଓନ୍ ନ୍ୟୁଟ୍ରେସନ ଆଣ୍ଡ ହେଲଥ୍' ପୁସ୍ତକ ଲୋକାର୍ପିତ



କଟକ (ପିଏନ୍‌): କଳାବିକାଶ କେନ୍ଦ୍ର ମାର୍ଗସ୍ଥିତ ସାଇ ମନ୍ଦିରରେ ପବିତ୍ର ନାରାୟଣ ସେବା ଅବସରରେ ସତ୍ୟସାଇ ସଙ୍ଗଠନର ବରିଷ୍ଠ ଆଶ୍ରିତ ତଥା ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣର ଅବସରପ୍ରାପ୍ତ ନିର୍ଦ୍ଦେଶକ ଡାକ୍ତର ଗୋପାଳକ୍ରିଷ୍ଣ ପଟ୍ଟନାୟକଙ୍କ 'ଆୱାରନେସ ଓନ୍ ନ୍ୟୁଟ୍ରେସନ ଆଣ୍ଡ ହେଲଥ୍' ପୁସ୍ତକ ଲୋକାର୍ପଣ ହୋଇଛି। ଶ୍ରୀ ସତ୍ୟସାଇ ସେବା ସମିତି ଅନ୍ତର୍ଗତ ପୂର୍ବତନ କେନ୍ଦ୍ରାଞ୍ଚଳ ସଂଯୋଜକ ତଥା ନାରାୟଣ ସେବାର ପ୍ରମୁଖ ସେବକ ଶ୍ୟାମସୁନ୍ଦର ସାମଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପୁସ୍ତକର ଲୋକାର୍ପଣ କରିଥିଲେ ଆୟକର ବିଭାଗ ଅଧିବକ୍ତା ମାନଗୋବିନ୍ଦ ପ୍ରଧାନ। ସତ୍ୟସାଇ ସେବା ସଙ୍ଗଠନର ଜିଲ୍ଲା ସଭାପତି ବିଚିତ୍ରାନନ୍ଦ ମହାନ୍ତି, ସତ୍ୟସାଇ ବିଦ୍ୟାଳୟର ପୂର୍ବତନ ସମ୍ପାଦକ ଶିକ୍ଷାବିତ୍ ରାଜକିଶୋର ମିଶ୍ର ଓ ସମିତିର ପୂର୍ବତନ ଅଗ୍ରଗାୟିକା ଶାନ୍ତିଲତା ସାମଲଙ୍କ ଉତ୍ସାହ ଓ ପ୍ରେରଣାରେ ଏହି ପୁସ୍ତକର ଲେଖନୀ ଆୟୋଜନ ଓ ନାରାୟଣ ସେବା ଅବସରରେ ଏହା ସାଇ ମନ୍ଦିରରେ ଉନ୍ମୋଚିତ ହୋଇଥିବାରୁ ଲେଖକ ଡାକ୍ତର ଗୋପାଳକ୍ରିଷ୍ଣ ପଟ୍ଟନାୟକ ସଙ୍ଗଠନ ଓ ନାରାୟଣ ସେବା ଅନୁଷ୍ଠାନର କର୍ମକର୍ତ୍ତାଙ୍କ ପାଖରେ କୃତଜ୍ଞତା ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମକୁ ସାଇ ଆଶ୍ରିତ ସାଧୁଚରଣ ପ୍ରଧାନ, ଗୋବିନ୍ଦ ମହାନକୁଡ଼, ପ୍ରଫୁଲ୍ଲ କୁମାର ଦାସ ଓ ସମିତିର ଯୋବ୍ରା ଜୋନ୍ ସଂଯୋଜକ ଡାକ୍ତର ଦିଲ୍ଲୀପ କୁମାର ମହାରଣା, ସମିତିର ମହିଳା ବିଭାଗର ପୃଷ୍ଠପୋଷିକା ଉର୍ମିଳା ପଟ୍ଟନାୟକ, ସୁଜାତା ବେହେରା, ମାନସୀ ମହାନକୁଡ଼, ମନସ୍ୱିନୀ ଦାସ, ଅମ୍ବିକା ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ କେନ୍ଦ୍ରାଞ୍ଚଳ ଜୋନ ପକ୍ଷରୁ ଦୟାଶ୍ରମର ୫୦ଜଣ ଅନ୍ତେବାସୀଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ଓଡ଼ିଶାର ଇଂରାଜୀ ଚିକିତ୍ସା ସାହିତ୍ୟରେ ରାଜ୍ୟ ସରକାରଙ୍କ ପୂର୍ବତନ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶକ ତଥା ସୁନାମଧନ୍ୟ ଡାକ୍ତର ଗୋପାଳକ୍ରିଷ୍ଣ ପଟ୍ଟନାୟକଙ୍କ ଏହି ତଥ୍ୟଭିତ୍ତିକ ପୁସ୍ତକ ପାଠକ, ଗବେଷକ ଓ ଚିକିତ୍ସକଙ୍କ ଭିତରେ ପ୍ରଚୁର ପାଠକୀୟ ଆଦୃତି ପାଇପାରିବ ବୋଲି ଡାକ୍ତର ଦିଲ୍ଲୀପ କୁମାର ମହାରଣା ଉଲ୍ଲେଖ କରିଛନ୍ତି।

## ପ୍ରଭାବତୀ ଦେବୀ



ରକ୍ଷଣଶୀଳ ସମାଜର ଯାବତୀୟ ପ୍ରତିବନ୍ଧକୁ ଅଦମ୍ୟ ସାହସର ସହ ସାମନା କରି ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇଥିଲେ ବାଲ୍ୟ ବିଧବା ପ୍ରଭାବତୀ ଦେବୀ। ଆଜୀବନ ଗାନ୍ଧୀ ଦର୍ଶନରେ ଅନୁପ୍ରାଣୀତ ହୋଇ ସମାଜସେବା, ସଂସ୍କାର କାର୍ଯ୍ୟକ୍ରମରେ ନିଜକୁ ସକ୍ରିୟ ରଖିଥିଲେ। ବରଗଡ଼ ନିକଟସ୍ଥ ଦାସପଡ଼ାର ଏକ ରକ୍ଷଣଶୀଳ ବ୍ରାହ୍ମଣ ପରିବାରରେ ସେ ଜନ୍ମଗ୍ରହଣ କରିଥିଲେ। ନଅ ବର୍ଷ ବୟସରେ ତାଙ୍କର ବିବାହ ହୋଇଥିଲା। ବର୍ଷକ ପରେ ପତିଙ୍କୁ ହରାଇଥିଲେ। ପରିଣାମ ସ୍ୱରୂପ ଜୀବନ ଦୁର୍ବିସହ ହୋଇପଡ଼ିଥିଲା। ତେବେ ଅସୀମ ଧୈର୍ଯ୍ୟ ଓ ସାହସର ସହ ପ୍ରଭାବତୀ ପରିସ୍ଥିତିର ମୁକାବିଲା ସହ ସୁଯୋଗ ଏବଂ ସହଯୋଗୀଙ୍କୁ ଅପେକ୍ଷା କରିଥିଲେ। ୧୯୩୭ରେ ମାଳତୀ ଚୌଧୁରୀ, ଜୀରା ନଦୀ କୂଳରେ ସଭା କରୁଥିବା ବେଳେ, ସଭାରେ ଏକମାତ୍ର ମହିଳା ପ୍ରଭାବତୀଙ୍କୁ ଦେଖି ବିସ୍ମିତ ହୋଇ ବାର୍ତ୍ତାଳପ କଲେ ଏବଂ ତାଙ୍କ ବ୍ୟକ୍ତିଗତ ଜୀବନ ବାବଦରେ ଅବଗତ ହେଲେ। ମାଳତୀଙ୍କ ମାଧ୍ୟମରେ ରମାଦେବୀ ସବୁ କଥା ଜାଣିବା ପରେ, ବରୀ ଆଶ୍ରମକୁ ଆସିବା ପାଇଁ ପ୍ରଭାବତୀଙ୍କୁ ନିମନ୍ତ୍ରଣ କରିଥିଲେ। ୧୯୩୮ରେ ପାର୍ବତୀ ଗିରିଙ୍କ ସହ ବରୀ ଆଶ୍ରମରେ ପହଞ୍ଚିବା ପରେ ଜୀବନ ଏକ ଭିନ୍ନ ମୋଡ଼ ନେଲା। ମହିଳା ଶିକ୍ଷା, ସୂତାକଟା, ବସ୍ତି ସଫେଇ, ସତ୍ୟାଗ୍ରହ ଆଦିରେ ସମୟ କଟିଲା। ଭାରତଛାଡ଼ ଆନ୍ଦୋଳନରେ ସକ୍ରିୟ ଭାଗ ନେଇ ସେ ଗିରଫ ହୋଇଥିଲେ। ପ୍ରାୟ ଦୁଇବର୍ଷ ବନ୍ଦିନୀ ଭାବେ କାରାଗାରରେ ଅଟକ ରହିବାକୁ ପଡ଼ିଥିଲା। ଖଲାସ ହେବା ପରେ ରମାଦେବୀଙ୍କ ପରାମର୍ଶରେ ୧୯୪୫ରେ ବରଗାଁରେ ଏକ ଆଶ୍ରମ ପ୍ରତିଷ୍ଠା କରି ମାତୃମଙ୍ଗଳ ଓ ବାଳମଙ୍ଗଳ କେନ୍ଦ୍ର ଆରମ୍ଭ କରିଥିଲେ। ପରବର୍ତ୍ତୀ କାଳରେ ଅନାଥ ଶିଶୁଙ୍କ ସେବାକୁ ବିଶେଷ ଗୁରୁତ୍ୱ ଦେଇଥିଲେ। ୧୯୯୮ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରଭାବତୀଙ୍କୁ ସମ୍ମାନଜନକ ଡକ୍‌ଟରେଟ ଉପାଧିରେ ସମ୍ମାନିତ କରାଯାଇଥିଲା। ୧୯୯୮ ନଭେମ୍ବର ୧୩ ତାରିଖରେ ତାଙ୍କର ପରଲୋକ ହୋଇଥିଲା।

**ଡଃ. ଅରୁନ୍ଧତୀ ଦେବୀ, ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର, ଦୂରଭାଷ: ୯୯୩୭୧୭୨୮୧୦**




# ଟ୍ରାନ୍ସଫର୍ମ ସ୍କୁଲ ପକ୍ଷରୁ ୨୦୨୧ ସୁଧା ଭାରତରେ ଶିକ୍ଷାରେ ପରିବର୍ତ୍ତନ ଆଣିବା ଦିଗରେ ପ୍ରୟାସ



ଭୁବନେଶ୍ୱର : ପିପୁଲ୍ ଫର୍ ଆକ୍ସନ୍(ପିଏଫ୍ଏ)ର ଅଭିଯାନ ଅନ୍ତର୍ଗତ ଟ୍ରାନ୍ସଫର୍ମ ସ୍କୁଲ୍‌ର ନନ୍ ପ୍ରଫିଟ୍ ଇନିସିଏଟିଭ୍ ସହ ଭାରତରେ ପ୍ରାଥମିକ ଓ ମାଧ୍ୟମିକ ସରକାରୀ ସ୍କୁଲ୍‌ରେ ଶିକ୍ଷାର ଉନ୍ନତି ଦିଗରେ ପ୍ରୟାସ ଆରମ୍ଭ କରିଛି । କମ୍ ରୋଜଗାର କରୁଥିବା ପରିବାରର ୮୩.୬ ମିଲିୟନ୍ ପିଲା ଶିକ୍ଷା ଏବଂ ଭବିଷ୍ୟତର ଗଢିବା ନିମନ୍ତେ ଏହି ସ୍କୁଲ ଉପରେ ନିର୍ଭର କରନ୍ତି । ଜାନୁୟାରୀ ୨୦୧୯ରୁ ଟ୍ରାନ୍ସଫର୍ମ ସ୍କୁଲ ଏହି ଅଭିଯାନ ଅନ୍ତର୍ଗତ ସମଗ୍ର ଶିକ୍ଷା ଅଭିଯାନ ସାହାର୍ଯ୍ୟରେ ରାଜ୍ୟ ସରକାର ଏବଂ ପ୍ରମୁଖ ଷ୍ଟକହୋଲଡର୍ସ ସହ ମିଶି ଓଡ଼ିଶା, ଛତିଶଗଡ଼, ହରିୟାଣା ଏବଂ ହିମାଚଳ ପ୍ରଦେଶର ୬୭,୮୩୩ ସ୍କୁଲ୍‌ର ୨.୪ ମିଲିୟନ୍ ପିଲାଙ୍କ ନିକଟରେ ପହଞ୍ଚି ଛନ୍ତି ।ଏହି ଅବସରରେ ଟ୍ରାନ୍ସଫର୍ମ ସ୍କୁଲ୍‌ର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଶ୍ରୀଯୁକ୍ତ ପଙ୍କଜ ବିନାୟକ ବର୍ମା କହିଛନ୍ତି ଯେ, "୧୧ ମାସ ପୂର୍ବରୁ ଆମେ ଏହି ଟ୍ରାନ୍ସଫର୍ମ ସ୍କୁଲ୍ ଅଭିଯାନର ଆରମ୍ଭ କରିଥିଲୁ । ଏହାଦ୍ୱାରା ଆମକୁ ଶିକ୍ଷକ, ପ୍ରଧାନ ଶିକ୍ଷକ ଏବଂ ସରକାରୀ କର୍ମଚାରୀ ମାନଙ୍କ ଠାରୁ ବହୁ ଭଲ ପ୍ରତିକ୍ରିୟା ମିଳିଥିଲା । ୨୦୨୭ ସୁଧା ଭାରତରେ ଏହି ପ୍ରୋଜେକ୍ଟ ଦ୍ୱାରା ବହୁ ଉନ୍ନତି ହେବ ବୋଲି ଆଶା କରାଯାଉଛି । ବର୍ତ୍ତମାନ ଆମର ଏହି କାର୍ଯ୍ୟ ଯୋଗୁ ୬୭,୮୩୩ ସ୍କୁଲରେ ୨.୪ ମିଲିୟନ ପିଲା ଲାଭବାନ ହୋଇପାରୁଛନ୍ତି ଏବଂ ଆଶା କରାଯାଉଛି ୨୦୨୧ ସୁଧା ୬.୫ ମିଲିୟନ ପିଲା ଏହାଦ୍ୱାରା ଉପକୃତ ହେବେ ।"

# ଉତ୍କଳ ଆଲୁମିନାର ୱାଡ଼ି ପ୍ରକଳ୍ପ ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରିଛି

ଭୁବନେଶ୍ୱର: ଚାଷୀଙ୍କ ଆୟ ସ୍ତରକୁ ଆପଣମାନେ କିଭଳି ଦ୍ୱିଗୁଣିତ କରିପାରିବେ ? ବିନା ଦ୍ୱନ୍ଦ୍ୱରେ କୁହାଯାଇପାରିବ ଜାତୀୟ ସ୍ତରେ ପଚରା ଯାଉଥିବା ଏହା ଏକ ପ୍ରଶ୍ନ । ଏହି ପ୍ରଶ୍ନକୁ ନେଇ ଆଦିତ୍ୟ ବିର୍ଲା ଗ୍ରୁପର ଉତ୍କଳ ଆଲୁମିନା ଇଟଂରନ୍ୟାସନାଲ, ଦୋରାଗୁଡ଼ା ମଧ୍ୟ ଚିନ୍ତିତ ରହିଛି । ଏହି ସମସ୍ୟାର ସମାଧାନ କରିବା ଲାଗି ଉତ୍କଳ ଆଲୁମିନା ପକ୍ଷରୁ ଏହାର ସିଏସ୍ଆର ଅଭିଯାନ ଅଧୀନରେ ୱାଡ଼ିରେ ଏକ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି । ଉତ୍କଳ ଆଲୁମିନାର ୱାଡ଼ି ପ୍ରକଳ୍ପ ଛଅ ବର୍ଷର ମିଆଦକୁ ନେଇ ୨୦୧୮ରେ ଆରମ୍ଭ ହୋଇଛି ଯାହାକୁ ଜାତୀୟ କୃଷି ଓ ଗ୍ରାମୀଣ ବିକାଶ ବ୍ୟାଙ୍କ (ନାବାର୍ଡ) ସହଯୋଗରେ ଉତ୍କଳ ଆଲୁମିନା ଜନ ସେବା ଟ୍ରଷ୍ଟ, ଦୋରାଗୁଡ଼ା ତରଫରୁ କାର୍ଯ୍ୟକାରୀ କରାଯାଉଛି । ଏହି ପ୍ରକଳ୍ପରେ ବ୍ୟାପକ ଧରଣର କାର୍ଯ୍ୟକଳାପ ରହିଛି ଯାହା ନିରନ୍ତର ଜୀବନଜୀବିକାକୁ ତ୍ୱରାନ୍ୱିତ କରିବ ଏବଂ ଲୋକଙ୍କ ମଧ୍ୟରେ ପରିବର୍ତନ ଆଣିବାରେ ସହାୟକ ହେବ । ଶ୍ରୀଯୁକ୍ତ ଏନ ନାଗେଶ, ୟୁନିଟ ମୁଖ୍ୟ ଓ ସଭାପତି, ଉତ୍କଳ ଆଲୁମିନାଙ୍କ ତତ୍ତ୍ୱାବଧାନରେ ଶ୍ରୀଯୁକ୍ତ ଶିବ ଶଙ୍କର ମହାପାତ୍ରଙ୍କ ନେତୃତ୍ୱରେ ସିଏସଆର ଟିମରେ ରହିଛନ୍ତି ଉତ୍ସର୍ଗୀକୃତ ସିଏସଆର ପେସାଦାରଙ୍କ ଏକ ପ୍ରତିବଦ୍ଧ ଟିମ । ୱାଡ଼ି ପ୍ରକଳ୍ପ ୪୨୪ ଏକର ଓ ୭୬ ଭୂମିହୀନଙ୍କ ପର୍ଯ୍ୟନ୍ତ ବ୍ୟାପିଛି । ଏଥିରେ ପ୍ରତିଟି ହିତାଧିକାରୀଙ୍କୁ ଏକ ଏକରରେ ଆମ୍ବ ଓ କାଜୁର ଏକ ଫଳ ବଗିଚା ବିକଶିତ କରିବାକୁ ପଡୁଛି- ୫୪ କାଜୁ ଏବଂ ୧୮ ଆମ୍ବ ଗଛ ଓ ଏହା ସହିତ ଛେଳି ପାଳନ ଭଳି ଆୟ ସୃଷ୍ଟିକାରୀ ସହାୟତା ପ୍ରଦାନ କରାଯାଉଛି । ଶ୍ରୀଯୁକ୍ତ ଏନ ନାଗେଶ, ୟୁନିଟ ମୁଖ୍ୟ ଓ ସଭାପତି, ଉତ୍କଳ ଆଲୁମିନା ଆଗକୁ ଥିବା ଆହ୍ୱାନ ବିଷୟରେ ଅବଗତ ଏବଂ ତାଙ୍କର ଦୃଢ଼ ବିଶ୍ୱାସ ମଧ୍ୟ ରହିଛି ।

# ହିମାଳୟ ଡ୍ରଗ୍ କମ୍ପାନୀ ପକ୍ଷରୁ କ୍ୱିଷ୍ଟା କିଡଜର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ସ୍ୱଦେଶୀ ୱେଲନେସ୍ ବ୍ରାଣ୍ଡ ହିମାଳୟ ଡ୍ରଗ୍ କମ୍ପାନୀ ପକ୍ଷରୁ କ୍ୱିଷ୍ଟା କିଡଜର ଶୁଭାରମ୍ଭ କରାଯାଇଛି, ଯାହା ୩ରୁ ୧୦ ବର୍ଷ ବୟସ ପିଲାଙ୍କ ପାଇଁ ଏକ ସ୍ୱାଦିଷ୍ଟ ଓ ଉତ୍ତମ ପୋଷଣଯୁକ୍ତ ଖାଦ୍ୟ ଅଟେ । ଏହା ପିଲାମାନଙ୍କର ସକ୍ରିୟ ବୃଦ୍ଧି ସହ ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ କରିଥାଏ ଏବଂ ସେମାନଙ୍କର ମେଧାଶକ୍ତିକୁ ବୃଦ୍ଧି କରିବାରେ ସହାୟକ ହୋଇଥାଏ । ୧୦୦% ଦୁଗ୍ଧ ପ୍ରୋଟିନ୍, ଖଣିଜଲବଣ ଓ ଭିଟାମିନ୍‌ରେ ଭରପୂର କ୍ୱିଷ୍ଟା କିଡଜ ହେଉଛି ଏକ ସ୍ୱତନ୍ତ୍ର ମିଶ୍ରଣ, ଯାହାକି ଉଭୟ ବୈଜ୍ଞାନିକ ପଦ୍ଧତି ଗବେଷଣା ସମେତ ସମୟାନୁସାରେ ପରୀକ୍ଷା କରାଯାଇଥିବା ପାରମ୍ପରିକ ଉପାଦାନର ସୁଫଳକୁ ଏକତ୍ର ନେଇ ଆସିଛି ।

ଡା. ରଶ୍ମୀ ମୂର୍ତ୍ତୀ, ପରାମର୍ଶଦାତା, ବେଙ୍ଗାଲୁରୁ ପ୍ରକାଶ କରିଛନ୍ତି, "ହିଡେନ୍ ହଙ୍ଗର ସାରା ବିଶ୍ୱରେ ଲକ୍ଷ ଲକ୍ଷ ପିଲାମାନଙ୍କୁ ଆକ୍ରାନ୍ତ କରିଥାଏ । ଏହା ସେତେବେଳ ଘଟିଥାଏ ଯେତେବେଳେ ଖାଦ୍ୟର ଗୁଣବତ୍ତା ପୋଷଣର ଆବଶ୍ୟକତାକୁ ପୂରଣ କରିପାରିନଥାଏ । ଏହା ପିଲାମାନଙ୍କର ଶାରୀରିକ ତଥା ମାନସିକ ବିକାଶକୁ ପ୍ରଭାବିତ କରିପାରେ । ତେଣୁ ଏଗୁଡ଼ିକୁ ପିଲାମାନଙ୍କ ଦୈନନ୍ଦିନ ଖାଦ୍ୟରେ ସାମିଲ କରିଯିବା ଦରକାର ।" ହିମାଳୟ ଡ୍ରଗ୍ କମ୍ପାନୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ଫିଲିପ୍ ହେଡନ୍ କହିଛନ୍ତି, "ହିମାଳୟରେ ଆମେ ଏପରି ସମାଧାନ ପ୍ରଦାନ କରିବା ଉପରେ କାର୍ଯ୍ୟ କରୁଛୁ, ଯେଉଁଗୁଡ଼ିକ ବୈଜ୍ଞାନିକ ପଦ୍ଧତିରେ ଗବେଷଣା କରାଯାଇଛି ଏବଂ ଜଡ଼ିବୁଟିର ଉପାଦେୟତା ପ୍ରଦାନ କରୁଛି ।" ପିଲାମାନଙ୍କ ଠାରେ ହିଡେନ ହଙ୍ଗର ସହ ଲଢ଼ିବାରେ କ୍ୱିଷ୍ଟା କିଡଜ ହେଉଛି ଏକ ଉପଯୁକ୍ତ ପୋଷଣ । ଏଥିରେ ଥିବା ଅଦା ଖାଦ୍ୟ ହଜମ କରିଥାଏ ଏବଂ ଜୈବିକ ତନ୍ତୁ ଇନ୍ୟୁଲିନ୍ ଖାଦ୍ୟନଳୀକୁ ସୁସ୍ଥ ରଖିଥାଏ । ଏଥିରେ ଥିବା କୋଲୋଷ୍ଟ୍ରମ୍, ତୁଳସୀ, ଭିଟାମିନ୍ ଏ, ସି ଓ ଇ ଆଦି ଉପାଦାନ ପ୍ରତିରୋଧକ ଶକ୍ତି ଗଠନ କରିଥାନ୍ତି । ଏଥିରେ ଥିବା ଫଲିକ୍ ଏସିଡ, ଭିଟାମିନ୍ ବି୧୨, ଆଇରନ୍, ଆୟୋଡିନ୍ ସମେତ ଆଲ୍‌ମଣ୍ଡ ଓ ମାଣ୍ଡୁକପର୍ଣ୍ଣୀ ପିଲାମାନଙ୍କ ମେଧା ଶକ୍ତି ବଢ଼ାଇଥାଏ । କ୍ୱିଷ୍ଟା କିଡଜ ଅଧିକ ଜଡ଼ିବୁଟି ଥିବା ବୃହତ ଓ କ୍ଷୁଦ୍ର ପୋଷକ ଦ୍ରବ୍ୟମାନଙ୍କର ମିଶ୍ରଣ ପ୍ରଦାନ କରିଥାଏ । କ୍ୱିଷ୍ଟା କିଡଜ ସୁସ୍ୱାଦମୟ ଚକୋଲେଟ୍ ଓ ଭାନିଲା ସ୍ୱାଦରେ ସମସ୍ତ ଅଗ୍ରଣୀ ଦୋକାନ ଓ ଆଧୁନିକ ବିପଣନ କେନ୍ଦ୍ରମାନଙ୍କରେ ଉପଲବ୍ଧ ହେଉଛି ।

# ଶିଶୁ ମାନଙ୍କର ଲୁକ୍କାୟିତ ପ୍ରତିଭାକୁ ଆଗକୁ ଆଣିବାକୁ ପଡିବ : ଭବାନୀ




ଭୁବନେଶ୍ୱର (ପିଏନ)-ଶିଶୁ ମାନଙ୍କ ପାଖରେ ରହିଛି ଅନନ୍ୟ ପ୍ରତିଭା । ପ୍ରତ୍ୟେକ ଶିଶୁର ସୁରକ୍ଷିତ ଭବିଷ୍ୟତ ପାଇଁ ସମସ୍ତଙ୍କର ନିରନ୍ତର ପ୍ରଚେଷ୍ଟାର ଆବଶ୍ୟକତା ରହିଛି । କୋଣଠେସା ହୋଇ ରହିଯାଉଥିବା ଶିଶୁମାନଙ୍କର ଲୁକ୍କାୟିତ ପ୍ରତିଭାର ବିକାଶ ହେବା ଜରୁରୀ ବୋଲି ସ୍ଥାନୀୟ ରେଡକ୍ରସ ଭବନଠାରେ ସି.ସି.ଡବ୍ଲ୍ୟୁ.ଡି ଓ ଆକ୍ସନ୍ ଏଡ୍‌ଙ୍କ ମିଳିତ ଆନୁକୁଲ୍ୟରେ ଆୟୋଜିତ ଶିଶୁ ଦିବସ ଅବକାଶରେ ଏ କଥା ଆଜି ଆହ୍ୱାନ ଦେଇଛନ୍ତି ପଦ୍ମଶ୍ରୀ ଭବାନୀ ଚରଣ ପଟ୍ଟନାୟକ । ଅନ୍ୟତମ ଅତିଥି ଭାବରେ ବିଧାୟକ ଅନନ୍ତ ନାରାୟଣ ଜେନା, ଆକ୍ସନ୍ ଏଡ୍‌ର ଜାତୀୟ ପ୍ରବନ୍ଧକ ଘାସିରାମ ପଣ୍ଡା, ମହିଳା ଓ ଶିଶୁ ବିକାଶ ବିଭାଗର ଉପଦେଷ୍ଟା ସୁଲତା ଦେଓ, ବରିଷ୍ଠ ଶିଶୁ ସାହିତ୍ୟିକ ଶରତ କୁମାର ନାୟକ, ବରିଷ୍ଠ ସାମ୍ବାଦିକ ସୁରେନ୍ଦ୍ର ପାତ୍ର, ସମାଜସେବୀ ପ୍ରଭାସ ସାମନ୍ତରାୟ ପ୍ରମୁଖ ଯୋଗଦାନ କରି ଶିଶୁ ମାନଙ୍କୁ ଉତ୍ସାହିତ କରିବା ସହ ଶିଶୁ ଅଧିକାରକୁ ସୁରକ୍ଷିତ ରଖିବା ଓ ପ୍ରତ୍ୟେକ ଶିଶୁର ଅଧିକାରକୁ ସମ୍ମାନ ଜଣାଇବା ଉପରେ ମତ ପ୍ରକାଶ କରିଥିଲେ । । ବିଭିନ୍ନ ଶିଶୁ ସଂଘରୁ ଆସିଥିବା ପ୍ରତିନିଧି ମାନେ ଚିତ୍ରାଙ୍କନ, ନୃତ୍ୟ ଓ ଗୀତରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଥିଲେ । ଇପ୍ସିତା ଅଗ୍ରୱାଲ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସିସିଡବ୍ଲ୍ୟୁଡିର ସଂପାଦକ ସଦାଶିବ ସ୍ୱାଇଁ କାର୍ଯ୍ୟକ୍ରମରେ ପୌରହିତ୍ୟ କରିଥିଲେ । ପରିଶେଷରେ ଭାସ୍କର ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍‌ର ଅଭିନବ ଟର୍ମ ପ୍ରଡ଼କ୍ଟ ଯଦ୍ୱାରା ସ୍ୱାସ୍ଥ୍ୟଗତ ସମସ୍ୟା ଥିବା ବ୍ୟକ୍ତିଙ୍କୁ ମଧ୍ୟ ମିଳିବ ଲାଇଫ୍ କଭର

କଟକ: ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନସ୍ୟୁରାନ୍ସ, ଏକ ଅଭିନବ ପ୍ରଡ଼କ୍ଟ ଆଇସିଆଇସିଆଇ ପ୍ରେସିଅସ ଲାଇଫ୍‌ର ଶୁଭାରମ୍ଭ କରିଛି । ଏହି ପ୍ରଡ଼କ୍ଟ ବୀମା ଉଦ୍ୟୋଗ କ୍ଷେତ୍ରର ଏକ ପ୍ରଥମ ଟର୍ମ ପ୍ଲାନ । ସ୍ୱାସ୍ଥ୍ୟଗତ ସମସ୍ୟା ଥିବା ବ୍ୟକ୍ତିବିଶେଷ ଯେଉଁମାନେ ଲାଇଫ୍ କଭର ପାଇବା ପାଇଁ କଠିନ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି ସେହିମାନଙ୍କୁ ଦୃଷ୍ଟିରେ ରଖି ବିଶେଷ ଭାବରେ ଏହି ଟର୍ମ ପ୍ଲାନ ଡ଼ିଜାଇନ୍ କରାଯାଇଛି ।

ଟର୍ମ ଇନସ୍ୟୁରାନ୍ସ ପ୍ଲାନ ପରିବାରରେ ରୋଜଗାରକ୍ଷମ ବ୍ୟକ୍ତିର ମୃତ୍ୟୁ ଦ୍ୱାରା ସମ୍ମୁଖୀନ ହେଉଥିବା ଆର୍ଥିକ କ୍ଷତିରେ ସୁରକ୍ଷା ପ୍ରଦାନ କରିବାରେ ସହାୟକ ସାବ୍ୟସ୍ତ ହୁଏ । ବହୁତ ସଂଖ୍ୟକ ଲୋକ ଯେଉଁମାନେ ମଧୁମେହ, ଉଚ୍ଚ ରକ୍ତଚାପ, ଉଚ୍ଚ କଲେଷ୍ଟ୍ରଲ, ପୃଥୁଳକାୟ ଶରୀର ଏପରିକି କ୍ୟାନ୍‌ସର ପରି ରୋଗର ସର୍ଜରୀ ଚିକିତ୍ସା ଦ୍ୱାରା ସଫଳତା ପୂର୍ବକ ସୁସ୍ଥ ହୋଇଯାଇଥିଲେ ମଧ୍ୟ ଲାଇଫ୍ କଭର ପାଇବା କଷ୍ଟସାଧ୍ୟ ହୋଇଥାଏ ଫଳରେ ବ୍ୟକ୍ତି ନିଜ ପରିବାରର ସୁରକ୍ଷା ପାଇଁ ନିଜ ଦାୟିତ୍ୱବୋଧତା ପୂରଣ କରିବା ପାଇଁ ଅସମର୍ଥ ହୋଇପଡ଼େ । ଏହି ବ୍ୟକ୍ତିମାନେ ନିଜର ସମ୍ପୂର୍ଣ୍ଣ ସୁସ୍ଥତାକୁ ଧ୍ୟାନରେ ରଖି କାର୍ଯ୍ୟ କରନ୍ତି ତାସହିତ ସୁରକ୍ଷା କବଚ ବିନା ନିଜକୁ ଅସୁରକ୍ଷିତ ମନେ କରନ୍ତି । ରାଷ୍ଟ୍ରୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ (ଏନ୍‌ଏଚ୍‌ଏଫ୍‌ଏସ୍-୪)ର ଅନୁମାନ ହେଲା ୧୫ରୁ ୪୯ ବର୍ଷ ବୟସ ମଧ୍ୟରେ ୧୦.୫ ପ୍ରତିଶତ ସହରୀ ମହିଳା ଏବଂ ୧୩.୨ ପ୍ରତିଶତ ସହରୀ ପୁରୁଷ ହାଇ ବ୍ଲଡ଼ ସୁଗାର ଦ୍ୱାରା ଆକ୍ରାନ୍ତ । ଏହି ସର୍ଭେ ଦ୍ୱାରା ଏହା ମଧ୍ୟ ଅନୁମାନ କରାଯାଇଛି ଯେ, ଉକ୍ତ ବୟସସୀମା ମଧ୍ୟରେ ୯.୬ ପ୍ରତିଶତ ସହରୀ ମହିଳା ଏବଂ ୧୫.୧ ପ୍ରତିଶତ ସହରୀ ପୁରୁଷ ଉଚ୍ଚ ରକ୍ତଚାପ ଦ୍ୱାରା ଆକ୍ରାନ୍ତ । 'ଆଇସିଆଇସିଆଇ ପ୍ରୁ ପ୍ରେସିଅସ ଲାଇଫ୍' ଏପରି ଏକ ଅଭିନବ ଟର୍ମ ଇନସ୍ୟୁରାନ୍ସ ପ୍ଲାନ ଯାହା ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ତ ଦିଗକୁ ବୁଝି ଗ୍ରାହକ ମାନଙ୍କୁ ଉପଯୁକ୍ତ ଲାଇଫ୍ କଭର ପ୍ରଦାନ କରେ । ଏହି ଉତ୍ପାଦ ଦ୍ୱାରା ଗ୍ରାହକ ତାର ସ୍ୱାସ୍ଥ୍ୟଗତ ସ୍ଥିତି ବିଷୟରେ ଅବଗତ ହୋଇ ମଧ୍ୟ ତାର ଅନୁପସ୍ଥିତିରେ ପରିବାରବର୍ଗ କିପରି ଆବଶ୍ୟକୀୟ ଆର୍ଥିକ ସୁରକ୍ଷା ପାଇବେ ସେ ସମ୍ବନ୍ଧରେ ସୁନିଶ୍ଚିତ ରହିପାରିବ । ଏହି ପ୍ରଡ଼କ୍ଟ ପଲିସ୍ ଅବଧିରେ ଗ୍ରାହକ ଏକା ଥରେ କିମ୍ବା ନିୟମିତ ରୂପେ ପ୍ରିମିୟମ ରାଶି ଜମା କରିବାର ସୁବିଧା ଉପଲବ୍ଧ । ଗ୍ରାହକ ମଧ୍ୟ ଚୟନ କରିପାରିବେ ପ୍ରାପ୍ୟ ରାଶି ପରିବାରକୁ ଗୋଟିଏ ଥରରେ ଲମ୍ପସମ୍ କିମ୍ବା ନିୟମିତ ମାସିକ ଆୟ ରୂପେ ଅଥବା ଦୁଇଟା ଯାକର କମ୍ବିନେସନରେ ପ୍ରଦାନ କରାଯିବ ।

ଆଇସିଆଇସିଆଇ ପ୍ରୁଡେନସିଆଲ ଲାଇଫ୍ ଇନସ୍ୟୁରାନ୍ସର ଡ଼େପୁଟି ମ୍ୟାନେଜିଙ୍ଗ ଡ଼ାଇରେକ୍ଟର ଶ୍ରୀ ପୁନୀତ ନନ୍ଦା କହିଲେ, 'ଟର୍ମ ପ୍ଲାନ ସାଧାରଣତଃ ସେହି ଗ୍ରାହକମାନଙ୍କୁ ଲାଇଫ୍ କଭର ଉପଲବ୍ଧ କରାଏ ଯେଉଁମାନେ ସୁସ୍ଥ । ଅନ୍ୟ ପକ୍ଷରେ ଆମ ଜନସଂଖ୍ୟାର ଏକ ବଡ଼ ବର୍ଗ ଏମିତିବି ଅଛନ୍ତି ଯେଉଁମାନେ ଗୋଟିଏ କିମ୍ବା ଅଧିକ ଜୀବନଶୈଳୀ ସମ୍ବନ୍ଧିତ କିମ୍ବା ଅନ୍ୟ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ରୋଗ ଦ୍ୱାରା ପ୍ରଭାବିତ । ଏହି ଶ୍ରେଣୀର ବ୍ୟକ୍ତିବିଶେଷଙ୍କ ପାଇଁ ଲାଇଫ୍ କଭର ପାଇବା କଷ୍ଟସାଧ୍ୟ ହୋଇଥାଏ ଏବଂ ତାଙ୍କ ଆଗରେ ନିଜ ପରିବାରକୁ ଆର୍ଥିକ ରୂପେ ଦୁର୍ବଳ ସ୍ଥିତିରେ ରଖିବା ଛଡ଼ା ଅନ୍ୟ କିଛି ବିକଳ୍ପ ନଥାଏ ।'

# ରେଡ ବୁଲ ଭାରତରେ ଆୟୋଜନ କରିବ ଇସ୍ପୋର୍ଟସ କାର୍ଯ୍ୟକ୍ରମ



ଭୁବନେଶ୍ୱର:(ପିଏନ)- ୨୦୧୮ରେ ସଫଳତାର ସହ ସମାପନ ହୋଇଥିବା ଆନ୍ତର୍ଜାତିକ ଇସ୍ପୋର୍ଟସ କାର୍ଯ୍ୟକ୍ରମ ରେଡ ବୁଲ ଆର୧ଭି୧ଆର ରୁନସ ଇ ସ୍ପୋର୍ଟସ ପୁଣି ଥରେ ଭାରତକୁ ଫେରିଛି । ଏହା ହେଉଛି ବିଶ୍ୱର ସବୁଠୁ ଲୋକପ୍ରିୟ ଇସ୍ପୋର୍ଟସ ଡୋଟା ୨କୁ ଅଧିକ ଆକର୍ଷଣୀୟ କରିପାରିଛି । ଏହି କ୍ରୀଡ଼ା ଉଭୟ ଖେଳାଳୀ ଓ ଦର୍ଶକଙ୍କ ପାଇଁ ରୋମାଂଚକର ଓ ମନୋରଂଜନଭରା । ଗତବର୍ଷ ଡୋଟା ୨ର ବିଜେତା ହୋଇଥିଲେ ମୁମ୍ବାଇର ସାହିଲ ମାଇକ୍ରୋ ଭିରାଡିଆ ।

ଚଳିତ ବର୍ଷ ଖେଳାଳୀମାନେ ଯୋଗ୍ୟତା ପର୍ଯ୍ୟାୟରେ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ । ସେପ୍ଟେମ୍ବର ୩ରୁ ଆରମ୍ଭ ହୋଇଥିବା ଏହି ଅନଲାଇନ ଓ ଅଫଲାଇନ ଯୋଗ୍ୟତା ପର୍ଯ୍ୟାୟକୁ ମୁମ୍ବାଇ, ପୁନେ, ବେଙ୍ଗାଲୁରୁ, ହାଇଦ୍ରାବାଦ, ଜୟପୁର, ଡେରାଡୁନ, ନାସିକ, ଅହମ୍ମଦାବାଦ, ଇନ୍ଦୋର, ଚେନ୍ନାଇ, ଗୋଆ, ପଣ୍ଡିଚେରି, ମାଙ୍ଗାଲୋର, ସିଲଚର, ଭୁବନେଶ୍ୱର, କୋଲକାତା, ଗୌହାଟି, ଜଳନ୍ଧର, ଲକ୍ଷ୍ନୌ ଓ ଦିଲ୍ଲୀ ଭଳି ଦେଶର ୨୦ଟି ସହରରେ ଆୟୋଜନ କରାଯାଉଛି ।

ରେଡ ବୁଲ ଆର୧ଭି୧ଆର ରୁନସର ଜାତୀୟ ପର୍ଯ୍ୟାୟ ବିଜେତା ଟିମ ଓଜିର ସଦସ୍ୟଙ୍କୁ ଭେଟିବାର ସୁଯୋଗ ପାଇବେ । ଏଥିପାଇଁ ବିଜେତାମାନଙ୍କ ସବୁ ଖର୍ଚ୍ଚ ବହନ କରାଯିବ । ଭାରତର ଅଗ୍ରଣୀ ଇସ୍ପୋର୍ଟସ କଂପାନି ନଡୱିନ ଗେମିଂ ସହିତ ମିଶି ରେଡବୁଲ ଏହି କାର୍ଯ୍ୟକ୍ରମ ଆୟୋଜନ କରିବ ।

ନଡୱିନ ଗେମିଂର ପ୍ରତିଷ୍ଠାତା ଓ ସିଇଓ ଅକ୍ଷତ ରାଠି କହିଛନ୍ତି ଯେ, "ଅତ୍ୟଧିକ ଲୋକପ୍ରିୟ ଡୋଟା ୨ ଗେମ ପାଇଁ ରେଡବୁଲ ଆର୧ଭି୧ଆର ରୁନ୍ୟସ ସ୍ୱତନ୍ତ୍ର ବ୍ୟବସ୍ଥା ଉପସ୍ଥାପନ କରୁଛି । ଏହାର ୧ଭି୧ ବ୍ୟବସ୍ଥା ସହିତ ଏହି ଫର୍ମାଟ କେବଳ ଇସ୍ପୋର୍ଟ ଖେଳାଳୀଙ୍କ ପାଇଁ ନୁହେଁ ବରଂ ଦକ୍ଷ ଗେମର ଯେଉଁମାନେ ଭାରତୀୟ ଇସ୍ପୋର୍ଟସ କ୍ଷେତ୍ରରେ ନିଜର ଛାପ ଛାଡ଼ିବାକୁ ଚାହୁଁଛନ୍ତି ସେମାନଙ୍କ ପାଇଁ ସହଜରେ ଉପଲବ୍ଧ ହୋଇଛି । ସାରା ବିଶ୍ୱରେ ରେଡ ବୁଲର ଏହି ଫର୍ମାଟ ପାଇଁ ସହଯୋଗୀ ରହିଛନ୍ତି ଏବଂ ଆମର ବିଶ୍ୱାସ ରହିଛି ଯେ ଦକ୍ଷତା ପ୍ରଦର୍ଶନ ଲାଗି ଆମେ ଗେମରଙ୍କୁ ଶ୍ରେଷ୍ଠ ମଂଚ ପ୍ରଦାନ କରିବୁ ।

୨୦୧୯ରେ ରେଡ ବୁଲ ଆର୧ଭି୧ଆର ରୁନସ ଟୁର୍ଣ୍ଣାମେଂଟକୁ ସାତଟି ଦେଶ: ଭାରତ, କୋଏସିଆ, ଜର୍ମାନି, ଫିଲିପାଇନ୍ସ, ରୁଷିଆ, ୟୁକ୍ରେନ ଓ ବ୍ରିଟେନରେ ଆୟୋଜନ କରାଯାଉଛି ।

# ଜିଭା ଆୟୁର୍ବେଦ କ୍ଲିନିକରେ ନଭେମ୍ବର ସାରା ମାଗଣା ପରାମର୍ଶ

ଭୁବନେଶ୍ୱର : ଅଗ୍ରଣୀ ଆୟୁର୍ବେଦିକ ଚିକିତ୍ସା ସଂସ୍ଥା ଜିଭା ଆୟୁର୍ବେଦ ପକ୍ଷରୁ ଭୁବନେଶ୍ୱର ସମେତ ସାରା ଭାରତରେ ଥିବା ଏହାର ସମସ୍ତ କ୍ଲିନିକ୍‌ରେ ଏକ ମାସ-ବ୍ୟାପୀ ମାଗଣା ପରାମର୍ଶ ଶିବିର ଆୟୋଜନ କରାଯାଉଛି । ଏହି ମେଗା କାର୍ଯ୍ୟକ୍ରମରେ ୪୦ ହଜାରରୁ ଅଧିକ ଲୋକ ଜିଭାର ଦୀର୍ଘ ୨୫ ବର୍ଷ ଧରି ୧.୫ ନିୟୁତରୁ ଅଧିକ ଲୋକଙ୍କୁ ଚିକିତ୍ସା ପ୍ରଦାନ କରିବାର ଯେଉଁ ଅଭିଜ୍ଞତା ରହିଛି ତାହା ଦ୍ୱାରା ଲାଭବାନ ହେବେ ବୋଲି ଆଶା କରାଯାଉଛି । ରୋଗୀମାନେ ଯେକୌଣସି ଜିଭା କ୍ଲିନିକ ପରିଦର୍ଶନ କରି ବ୍ୟକ୍ତିଗତ ଚିକିତ୍ସା ପାଇଁ ଜିଭାର ବିଶେଷଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରିପାରିବେ ।

"ଭାରତ ଏବେ 'ଡାଇବେଟିସ୍ ରାଜଧାନୀ' ଭାବେ ପରିଚିତ ଯାହା ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ କାରଣ ଏହା ହେଉଛି ଆୟୁର୍ବେଦର ମାଟି ଯାହାକି ଡାଇବେଟିସ୍ ସମେତ ସବୁ ପ୍ରକାର ଜୀବନଶୈଳୀ ସମସ୍ୟାର ଚିକିତ୍ସା ଓ ପରିଚାଳନା ପାଇଁ ପ୍ରଭାବଶାଳୀ । ମୁଁ ନିଶ୍ଚିତ ଯେ ପ୍ରତିଟି ଲୋକ ଏହି ସୁଯୋଗକୁ ବ୍ୟବହାର କରି ଆମର ଡାକ୍ତରଙ୍କ ସହିତ ନିଜ ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ଆଲୋଚନା କରିବେ ଏବଂ ସୁସ୍ଥ ହୋଇପାରିବେ," ବୋଲି ଡକ୍ଟର ପ୍ରତାପ ଚୌହ୍ୱାନ, ନିର୍ଦ୍ଦେଶକ, ଜିଭା ଆୟୁର୍ବେଦ କହିଛନ୍ତି ।"

ଆନ୍ତର୍ଜାତିକ ଡାଇବେଟିସ୍ ମହାସଂଘ ଅନୁସାରେ, ୭୨ ନିୟୁତ ଭାରତୀୟ ଡାଇବେଟିସ୍ ଦ୍ୱାରା ଆକ୍ରାନ୍ତ ଏବଂ ୨୦୪୫ ସୁଦ୍ଧା ସେହି ସଂଖ୍ୟା ୧୫୧ ନିୟୁତ ଭଳି ଚିନ୍ତାଜନକ ସ୍ତରରେ ପହଂଚିବ ବୋଲି ଆକଳନ କରାଯାଇଛି । ଅସନ୍ତୁଳିତ ଜୀବନଶୈଳୀ ଓ ଭୁଲ ଖାଦାଭ୍ୟାସ ହେଉଛି ଡାଇବେଟିସ୍‌ର ପ୍ରମୁଖ କାରଣ, ଯାହା ଉପରେ ଆୟୁର୍ବେଦ ଚିକିତ୍ସା ଗୁରୁତ୍ୱ ପ୍ରଦାନ କରିଥାଏ । ଜିଭା ଆୟୁର୍ବେଦ ବିଗତ ୨୫ ବର୍ଷ ଭିତରେ ସଫଳତାର ସହିତ ୧.୨ ଲକ୍ଷ ଡାଇବେଟିସ୍ ମାମଲାରେ ପରାମର୍ଶ ପ୍ରଦାନ କରିଛି ଏବଂ ଏହା ଏକ ସ୍ୱତନ୍ତ୍ର ଚିକିତ୍ସା ସୁବିଧା ପ୍ରଦାନ କରୁଛି ଯାହା ହେଉଛି ବ୍ୟକ୍ତିଗତ ସୁହାଇବା ଭଳି ଔଷଧ ସହିତ ଖାଦ୍ୟପାନୀୟ ଏବଂ ଜୀବନଶୈଳୀ ଯୋଜନା ପ୍ରସ୍ତୁତ କରିବାର ମିଶ୍ରଣକୁ ନେଇ ଏକ ସାମଗ୍ରିକ ଚିକିତ୍ସା ।

# ବ୍ରିକ୍ସମାଥ.କମ ଅନ୍‌ଲାଇନ୍ ପ୍ରତିଯୋଗିତା ଆରମ୍ଭ

ଭୁବନେଶ୍ୱର: ଚଳିତ ବର୍ଷ ୧୩-୧୪ ନଭେମ୍ବରରେ ବ୍ରାସିଲିଆ (ବ୍ରାଜିଲ)ଠାରେ ଆୟୋଜିତ ହେବାକୁ ଯାଉଥିବା ୧୧ତମ ବ୍ରିକ୍ସ ସମ୍ମିଳନୀ ଅବସରରେ ଏହି ବ୍ରିକ୍ସମ୍ୟାଥ.କମ ଅନଲାଇନ ପ୍ରତିଯୋଗିତାର ଶୁଭାରମ୍ଭ ହେବାକୁ ଯାଉଛି । ଗଣିତର ଏହି ତୃତୀୟ ଆନ୍ତର୍ଜାତୀୟ ଅନଲାଇନ ପ୍ରତିଯୋଗିତା ବ୍ରିକ୍ସ ଦେଶ ଯଥା ବ୍ରାଜିଲ, ରୁଷିଆ, ଭାରତ, ଚାଇନା ଏବଂ ଦକ୍ଷିଣ କୋରିଆର ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏକତ୍ରୀକରଣର ଭାବନା ସୃଷ୍ଟି କରିବ । ଏହି ପ୍ରତିଯୋଗିତାରେ ୨ ନିୟୁତରୁ ଉର୍ଦ୍ଧ ପିଲା ଯୋଗଦାନ କରିବେ ବୋଲି ଏହାର ଆୟୋଜକମାନେ ଆଶାବାଦୀ ଅଛନ୍ତି । ଏହି ପ୍ରତିଯୋଗିତା ପ୍ରଥମରୁ ଦ୍ୱାଦଶ ଗ୍ରେଡର ପିଲାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ । ଗଣିତର ଏହି ବ୍ରିକ୍ସମ୍ୟାଥ.କମ ମାଗଣା ପ୍ରତିଯୋଗିତା ତୃତୀୟ ଥର ପାଇଁ ଅୟୋଜିତ ହୋଇଛି ଯାହାକି ଡ୍ରାଗନଲର୍ଣ୍ଣ.ଇନ ୱେବସାଇଟରେ ପରିଚାଳିତ ହେଉଛି । ଏଥିରେ ସମସ୍ତ ଟାସ୍କ ଏକ ଗେମ ଫର୍ମାଟରେ ପ୍ରଦର୍ଶିତ ହେବା ସହ ବ୍ରିକ୍ସର ଆନୁଷ୍ଠାନିକ ଭାଷା ଯଥା ପର୍ତ୍ତୁଗୀଜ, ରୁଷିଆନ, ଇଂରାଜୀ, ହିନ୍ଦୀ ଏବଂ ଚାଇନଜିରେ ମଧ୍ୟ ଉପଲବ୍ଧ ହେବ ।

ଡ୍ରାଗନଲର୍ଣ୍ଣ.ଇନର ସିଇଓ ଶ୍ରୀ ଏକାଟେରିନା ଜୋଟୋଭା କହିଛନ୍ତିଯେ, "ଆମେ ତୃତୀୟ ଥର ପାଇଁ ଏହି ବ୍ରିକ୍ସମ୍ୟାଥ.କମ ପ୍ରତିଯୋଗିତାର ପରିଚାଳନା କରୁଛୁ । ଏହି ବର୍ଷ ସମଗ୍ର ଦୁନିଆରୁ ୨ ନିୟୁତରୁ ଉର୍ଦ୍ଧ ପିଲା ଏଥିରେ ଅଂଶଗ୍ରହଣ କରିବେ ବୋଲି ଆମେ ଆଶାୟୀ ।" ଭାରତର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଏହି ପ୍ରତିଯୋଗିତାକୁ ସମର୍ଥନ କରି କହିଛନ୍ତି ଯେ, "ଗଣିତରେ ଧ୍ୟାନକୈନ୍ଦ୍ରିକତାର ବୃଦ୍ଧି ଏବଂ ତର୍କୀୟ ରିଜନିଙ୍ଗ କୌଶଳର ବିକାଶ ସମେତ ଭିନ୍ନ ଭିନ୍ନ ଦେଶରୁ ପିଲାମାନଙ୍କୁ ଏକତ୍ରୀତ କରିବା ହେଉଛି ଏହି ବ୍ରିକ୍ସମ୍ୟାଥ.କମର ଉଦ୍ଦେଶ୍ୟ ।"

ଏହି ପ୍ରତିଯୋଗିତାର ଟାସ୍କ ଗୁଡ଼ିକ ବ୍ରିକ୍ସମ୍ୟାଥ.କମ ପୋର୍ଟାଲରେ ଚଳିତ ବର୍ଷ ନଭେମ୍ବର ୧୩ ରୁ ଡିସେମ୍ବର ୧୩ ପର୍ଯ୍ୟନ୍ତ ଉପଲବ୍ଧ ହେବ । ଟାସ୍କ ଶେଷ ହେବା ପରେ ଛାତ୍ରଛାତ୍ରୀମାନେ ତୁରନ୍ତ ସେମାନଙ୍କ ଫଳାଫଳ ଦେଖିପାରିବେ । ପ୍ରତିଯୋଗିତା ପରିସମାପ୍ତି ହେବା ପରେ ସମସ୍ତ ଅଂଶଗ୍ରହଣକାରୀମାନେ ଏହାର ୱେବସାଇଟରେ ସେମାନଙ୍କ ଆକାଉଣ୍ଟ ମାଧ୍ୟମରେ ସାର୍ଟିଫିକେଟ ମଧ୍ୟ ପାଇପାରିବେ ।

# ଟାଟା ମୋଟର୍ସ ର 'ଭାରତର ଦ୍ୱିତୀୟ ଦିପାବଳୀ' ଅଭିଯାନ ଘୋଷଣା

ଭୁବନେଶ୍ୱର : ଛୋଟ ବାଣିଜ୍ୟିକ ବାହନର ସଫଳତା ମନାଇବା ପାଇଁ ଟାଟା ମୋଟର୍ସ ପକ୍ଷରୁ ଇଣ୍ଡିଆ କି ଦୁସରି ଦିୱାଲି ଅଭିଯାନର ଘୋଷଣା କରାଯାଇଛି । ଏହି ଅଭିଯାନରେ ପ୍ରତ୍ୟେକ ଟାଟା ମୋଟର୍ସ ଏସସିଭି ଏବଂ ପିକ୍‌ଅପ ବାହନର କ୍ରୟ ଉପରେ ଗ୍ରାହକମାନେ ସ୍କ୍ରାଚକାର୍ଡ ମାଧ୍ୟମରେ ନିଶ୍ଚିତ ଉପହାର ପାଇପାରିବେ । ଏହି ପୁରସ୍କାର ମଧ୍ୟରେ ବମ୍ପର ପ୍ରାଇଜ ଗୋଲ୍ଡ ଭାଉଚର ଠାରୁ ଆରମ୍ଭ କରି ୫ଲକ୍ଷ ଟଙ୍କା, ୩ଲକ୍ଷ ଟଙ୍କା ଓ ୧ଲକ୍ଷ ଟଙ୍କା ପାଇ ପାରିବେ । ଏହାଛଡା ଆକର୍ଷଣୀୟ ପୁରସ୍କାର ଯେପରି ଏଲଇଡି ଟିଭି, ୱାସିଙ୍ଗ ମେସିନ, ମୋବାଇଲ ଫୋନ, ଜୁସର ମକ୍ସଚର ଏବଂ ଫୁଏଲ କୁପନ ଆଦି ଦିଆଯିବ । ଏହି ଅଭିଯାନ ନଭେମ୍ବର ୩୦ ପର୍ଯ୍ୟନ୍ତ ବୈଧ୍ୟ ଅଛି । ଭାରତରେ ଏକ ନମ୍ବର ବାଣିଜ୍ୟିକ ବାହନ ଟାଟା ଏସିଇ ଯାହା ୨୨ଲକ୍ଷ ରୁ ଉର୍ଦ୍ଧ ବିକ୍ରି ହୋଇସାରିଲାଣି । ସଫଳତାର ଉତ୍ସବ ମନାଇବା ପାଇଁ ଏହି ଅଭିଯାନ ଆରମ୍ଭ କରାଯାଇଛି । କମ୍ପାନୀ ପକ୍ଷରୁ ଏସସିଭି, କାର୍ଗୋ ଏବଂ ପିକ୍‌ଅପ ଗ୍ରାହକମାନଙ୍କ ପାଇଁ ଅନେକ ଆକର୍ଷଣୀୟ ଅଫରର ଘୋଷଣା କରାଯାଇଛି ।ଟାଟା ମୋଟର୍ସର ହେଡ,ସେଲ୍ସଏଣ୍ଡ ମାର୍କେଟିଙ୍ଗ, ଶ୍ରୀ ରାଜେଶ କୌଲ କହିଛନ୍ତି, "ଟାଟା ମୋଟର୍ସ ସର୍ବଦା ଗ୍ରାହକ କେନ୍ଦ୍ରିତ ଏବଂ ଏହା ଗ୍ରାହକମାନଙ୍କର ରାଜସ୍ୱ ବୃଦ୍ଧି ପାଇଁ ପ୍ରୟାସ କରିଥାଏ । ଆମର ଏସସିଭି ବର୍ଗ ଉନ୍ନତ ସୁରକ୍ଷା, ବିଭିନ୍ନ ପରିସ୍ଥିତିରେ ବହୁମୁଖୀ ପ୍ରଦର୍ଶନ, ଆରାମ ଓ ମିତବ୍ୟୟତା ପ୍ରଦାନ କରାଯାଇଥାଏ । ଆମର ଉତ୍ପାଦ ଗ୍ରାହକମାନଙ୍କର ବ୍ୟବସାୟ ବୃଦ୍ଧି ସହ ଜୀବନରେ ପରିବର୍ତନ ଆଣିପାରିଥିବାରୁ ଆମେ ଆନନ୍ଦିତ । ଏହି ଅଭିଯାନର ଲକ୍ଷ୍ୟ ଅଧିକ ଗ୍ରାହକଙ୍କୁ ଶୋରୁମ ଦ୍ୱାର ଦେଶକୁ ଆଣିବା । ଆକର୍ଷଣୀୟ ଉପହାର ସହ ଚଳିତ ଉତ୍ସବ ଋତୁରେ ଆମେ ଟାଟା ଏସସିଭି ର ବିକ୍ରି ବୃଦ୍ଧି ଲକ୍ଷ୍ୟ ରଖିଛୁ ।"ଏହି ଅଭିଯାନ ପାଇଁ ଟାଟା ମୋଟର୍ସ ପକ୍ଷରୁ ପ୍ରିଂଟ, ରେଡିଓ ଓ ଡିଜିଟାଲ ମାଧ୍ୟମକୁ ଗ୍ରାହକମାନଙ୍କ ପାଖରେ ପହଂଚିବା ପାଇଁ ବ୍ୟବହାର କରାଯିବାକୁ ଯୋଜନା ରଖାଯାଇଛି । ଏହି ବିଶେଷ ଅଫର ଟାଟା ମୋଟର୍ସ ଏସସିଭି, କାର୍ଗୋ ଏବଂ ପିକ୍‌ଅପ ବର୍ଗର ବ୍ରାଣ୍ଡ ଯଥା ଏସିଇ ଗୋଲ୍ଡ, ଏସିଇ ଏଚଟି, ଜିପ୍, ମେଗା ସୁପର ଏସିଇ ମିଂଟ, ଏକ୍ସଏଲ ରେଞ୍ଜ, ଯୋଧା ଏବଂ ନୂଆ ଲଂଚ ହୋଇଥିବା ଟାଟା ଇନଟ୍ରା ପାଇଁ ଉଦ୍ଦିଷ୍ଟ । ଏହି ବର୍ଗରେ ବିଭିନ୍ନ ଫୁଏଲ ଭାରିଏଂଟ (ଡିଜେଲ ଓ ସିଏନଜି) ଏବଂ ଆପ୍ଲିକେସନ ଏଆରଏଆଇ ପ୍ରମାଣିତ କଂଟେନର ବଡି, ହାଇଡେକ ଲୋଡ ବଡି ଓ ବିଭିନ୍ନ ମୁନିସିପାଲ ଆପ୍ଲିକେସନ ଅଛି ।

# ଭିଟ୍ସ ହୋଟେଲ ପକ୍ଷରୁ ଝାରପଡ଼ା ଉଚ୍ଚ ବିଦ୍ୟାଳୟଠାରେ ଜାତୀୟ ପୁନଃଚକ୍ରଣ ସପ୍ତାହ ଓ ଶିଶୁ ଦିବସ ପାଳିତ




ଭୁବନେଶ୍ୱର- "ସ୍ୱଚ୍ଛ ଭାରତ ଅଭିଯାନ"ର ନିତିକୁ ପାଳନ କରି ହୋଟେଲ୍ ଭିଟ୍ସ ଭୁବନେଶ୍ୱର ପକ୍ଷରୁ ସ୍ଥାନୀୟ ଝାରପଡ଼ା ସ୍ଥିତ ଉଚ୍ଚ ବିଦ୍ୟାଳୟଠାରେ ଛାତ୍ରଛାତ୍ରୀଙ୍କ ଗହଣରେ ଶିଶୁଦିବସ ଓ ଜାତୀୟ ପୁନଃଚକ୍ରଣ ସପ୍ତାହ ପାଳନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକମାନଙ୍କ ସମେତ ପାଖାପାଖି ୧୫୦ ଛାତ୍ରଛାତ୍ରୀ ଏକତ୍ରିତ ହୋଇ ଆୟୋଜିତ ଚିତ୍ରାଙ୍କନ ଏବଂ ପ୍ରବନ୍ଧ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଏହି ପ୍ରତିଯୋଗିତା ସକାଳ ୯:୪୫ମିନିଟରେ ଆରମ୍ଭ ହୋଇଥିବାବେଳେ ପ୍ରତ୍ୟେକ ବର୍ଗରେ ୩୦ଜଣ ଛାତ୍ରଛାତ୍ରୀ ସେଠାରେ ଯୋଗ ଦେଇଥିଲେ ।

ଏକ ଭାବ ବିନିମୟ ସଭାରେ ଶ୍ରୀମତି ବର୍ଷା ସାମନ୍ତସିଂହାର, ସହ ପରିଚାଳକ ଏଚ୍ଆର୍ ବିଦ୍ୟାଳୟର କର୍ମକର୍ତ୍ତା ଓ ଛାତ୍ରଛାତ୍ରୀମାନଙ୍କୁ ଭିଟ୍ସ ହୋଟଲେ୍ ଭୁବନେଶ୍ୱରର ସଦସ୍ୟଙ୍କ ସହ ପରିଚିତ କରାଇବାସହ କମ୍ ନିବେଶରେ ହୋଟେଲ ଉଦ୍ୟୋଗ କ୍ଷେତ୍ରରେ ଥିବା ସୁଯୋଗ ଏବଂ ସମ୍ଭାବ୍ୟ କ୍ୟାରିଅର୍ ଉପରେ ନିଜର ବ୍ୟକ୍ତିଗତ ଅଭିଜ୍ଞତାକୁ ସେୟାର କରିଥିଲେ । ଭିଟ୍ସ ହୋଟଲେ୍ ଭୁବନେଶ୍ୱରର ସାଧାରଣ ପରିଚାଳକ ଶ୍ରୀଯୁକ୍ତ ଶୁଭୋ ବିଶ୍ୱାସ ପ୍ରତିଷ୍ଠାନକୁ ପରିଚିତ କରାଇଲେ ଓ ଦୈନନ୍ଦିନ କାର୍ଯ୍ୟ ସମ୍ପାଦନରେ ୩ଆର୍ ଓ ପରିବେଶସାପେକ୍ଷ ଅଭ୍ୟାସଗୁଡ଼ିକ ଉପରେ ସଂକ୍ଷେପରେ ବିଶ୍ଳେଷଣ ପ୍ରଦାନ କଲେ । ଶ୍ରୀଯୁକ୍ତ ବିଶ୍ୱାସ ବିଦ୍ୟାଳୟର ଅଧକ୍ଷଙ୍କୁ ଉତ୍ତରୀୟ ଓ ଉପହାର ପ୍ରଦାନ କରି ପ୍ରଶଂସିତ କରିଥିଲେ ।

ଶ୍ରୀଯୁକ୍ତ ସୌମ୍ୟରଞ୍ଜନ ସାମନ୍ତରାୟ, ଗୃହ ବିଭାଗ ପରିଚାଳକ, ଭିଟ୍ସ ଭୁବନେଶ୍ୱର ଆତିଥ୍ୟ ପ୍ରଦାନର ଭବିଷ୍ୟତ ଓ ଅବଦାନ ଏବଂ ଜାତୀୟ ଜିଡିପି ନିମନ୍ତେ ପରିଭ୍ରମଣ କ୍ଷେତ୍ରର ମହତ୍ୱ ବିଷୟରେ ବିଶ୍ଳେଷଣ କରିଥିଲେ ।

# ଖେଳ



ପର୍ଯ୍ୟବେକ୍ଷକ

PARYABEKHYAK



Bhubaneswar Friday November 15 ଭୁବନେଶ୍ବର ଶୁକ୍ରବାର, ନଭେମ୍ବର ୧୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ଏୟାର୍‌ଟେଲ୍ ଏବଂ ଭାରତୀ ଆକ୍ସା ପକ୍ଷରୁ ଅଭିନବ ପ୍ରିପେଡ୍ ବଣ୍ଡଲ୍

ଭୁବନେଶ୍ବର: ଭାରତର ସର୍ବବୃହତ ସମ୍ମିଶ୍ରିତ ଦୂରସଞ୍ଚାର ସେବା ପ୍ରଦାନକାରି ସଂସ୍ଥା, ଭାରତୀ ଏୟାର୍‌ଟେଲ୍ ଓ ଭାରତୀ ଆକ୍ସା ଜୀବନ ବୀମା ମିଳିତଭାବେ ମୋବାଇଲ୍ ସେବା ସହ ଏକ ଆର୍ଥିକ ଭାବେ ସୁରକ୍ଷିତ ଭାରତ ନିର୍ମାଣ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏୟାର୍‌ଟେଲ୍ ପକ୍ଷରୁ ଦିନକୁ ୨ ଜିବି ଡାଟା ସହିତ ୫୯୯ ଟଙ୍କାର ଏକ ଅଭିନବ ପ୍ରିପେଡ୍ ବଣ୍ଡଲର ଶୁଭାରମ୍ଭ କରାଯାଇଛି, ଯାହା ଯେକୌଣସି ନେଟ୍‌ୱାର୍କକୁ ଅସୀମିତ କଲ୍ ଓ ଦିନକୁ ୧୦୦ ଏସ୍‌ଏମ୍‌ଏସ୍ ସୁବିଧା ପ୍ରଦାନ କରୁଛି। ଏହା ସହିତ ଭାରତୀ ଆକ୍ସା ଜୀବନ ବୀମା ପକ୍ଷରୁ ୪ ଲକ୍ଷ ଟଙ୍କାର ଜୀବନ ବୀମା କଭର୍ ମଧ୍ୟ ପ୍ରଦାନ କରୁଛି। ଏହି ରିଚାର୍ଜ ୮୪ ଦିନର ସମୟ ଅବଧି ସହିତ ଆସୁଛି ଏବଂ ବୀମା କଭର୍ ପ୍ରତ୍ୟେକ ରିଚାର୍ଜ ସହିତ ତିନି ମାସ ପାଇଁ ସ୍ୱୟଂ ଭାବେ ବଜାୟ ରହୁଛି। ଆଇଆରଡିଏଆଇ ଅନୁଯାୟୀ, ଭାରତରେ ବୀମା ପ୍ରବେଶ ୪% କମ୍ ଅଟେ (ଜନସଂଖାର), ଯେତେବେଳେକି ମୋବାଇଲ୍ ପ୍ରବେଶ ପାଖାପାଖି ୯୦% ଅଟେ। ଏହା ଆକଳନ କରାଯାଇଛି ଯେ, ୨୦୨୨ ସୁଦ୍ଧା ଭାରତରେ ପାଖାପାଖି ୮୩୦୦ ଲକ୍ଷ ସ୍ମାର୍ଟଫୋନ୍ ଗ୍ରାହକ ସୃଷ୍ଟି ହେବେ। ଏୟାର୍‌ଟେଲ୍ ଓ ଭାରତୀ ଆକ୍ସା ଜୀବନ ବୀମାର ଏହି ଅଭିନବ ପ୍ରିପେଡ୍ ବଣ୍ଡଲ୍ ଗାମୀଣ ଲୋକଙ୍କ ନିକଟରେ ଏୟାର୍‌ଟେଲ୍‌ର ଗଭୀର ବଣ୍ଟନ ପହଞ୍ଚତା ସହିତ ଭାରତୀ ଆକ୍ସା ଜୀବନର ସ୍ୱତନ୍ତ୍ର ବୀମାକୁ ସମିଶ୍ରିତ କରୁଛି। ଏହା ଲକ୍ଷ ଲକ୍ଷ ଅନ୍‌ଇସିଓର୍ଡ ଓ ଅଣ୍ଡରଇନ୍‌ସିଓର୍ଡ ଭାରତୀୟଙ୍କ ପାଇଁ ଏହାକୁ ସରଳ କରାଉଛି ଏବଂ ପ୍ରତିଥର ସେମାନଙ୍କ ମୋବାଇଲ୍ ଫୋନ୍ ରିଚାର୍ଜ କରାଇ ଉନ୍ନତ ମାନର ଜୀବନ ବୀମା କଭର୍ ପାଉଛନ୍ତି। ଏୟାର୍‌ଟେଲ୍ କମ୍ ସମୟରେ ସମସ୍ତ ଜିନିଷକୁ ପ୍ରଦାନ କରିବା ପାଇଁ ଡିଜିଟାଲ୍ ପ୍ରକ୍ରିୟାର ପ୍ରୟୋଗ କରୁଛି। ଜଣେ ଉପଭୋକ୍ତା ଏସ୍‌ଏମ୍‌ଏସ୍, ଏୟାର୍‌ଟେଲ୍ ଥ୍ୟାଙ୍କସ୍ ଆପ୍ କିମ୍ବା ଏୟାର୍‌ଟେଲ୍ ରିଟେଲର୍ ମାଧ୍ୟମରେ ପ୍ରଥମ ରିଚାର୍ଜ କରି ବୀମା ପାଇଁ ନାମକରଣ କରାଇବା ଦରକାର। ଏହି ଜୀବନ ବୀମା କଭର୍ ୧୮-୫୪ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ଗ୍ରାହକମାନଙ୍କ ପାଇଁ ଉପଲବ୍ଧ ହେଉଛି, ଯାହା ପାଇଁ କୌଣସି କାଗଜପତ୍ର କାମ କିମ୍ବା ସ୍ୱାସ୍ଥ୍ୟ ପରୀକ୍ଷା ଆବଶ୍ୟକ ହେଉନାହିଁ। ଏହି ଉତ୍ପାଦ ତାମିଲ୍‌ନାଡୁ ଓ ପଣ୍ଡିଚେରୀର ଗ୍ରାହକମାନଙ୍କ ପାଇଁ ବର୍ତ୍ତମାନ ଉପଲବ୍ଧ ହୋଇସାରିଛି ଏବଂ ଏହାର ସଂପ୍ରସାରଣ କିଛି ମାସ ମଧ୍ୟରେ ପ୍ୟାନ୍-ଇଣ୍ଡିଆ ମଧ୍ୟକୁ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ମନୋଜ ମୁରଲି, ହବ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ - କେରଳ ଏବଂ ତାମିଲ୍‌ନାଡୁ, ଭାରତୀ ଏୟାର୍‌ଟେଲ୍ ପ୍ରକାଶ କରିଛନ୍ତି, 'ଏୟାର୍‌ଟେଲ୍ ବିଶ୍ୱସ୍ତରୀୟ ସଂଚାର ସଂଯୋଗତା ସହିତ ତାମିଲ୍‌ନାଡୁ ଓ ପଣ୍ଡିଚେରୀରେ ଲକ୍ଷ ଲକ୍ଷ ଗ୍ରାହକଙ୍କୁ ସଶକ୍ତ କରିସାରିଛି। ଆମେ ଭାରତୀ ଆକ୍ସା ଜୀବନ ବୀମା ସହିତ ସହବନ୍ଧିତା କରି ଖୁବ୍ ଆନନ୍ଦିତ ଏବଂ ଡିଜିଟାଲ୍ ଭାବେ ସକ୍ରିୟ ଓ ଆର୍ଥିକ ଭାବେ ସୁରକ୍ଷିତ ତାମିଲ୍‌ନାଡୁ ପ୍ରତିଷ୍ଠା କରିବା ପାଇଁ ପ୍ରତିଶୃତି ପ୍ରଦାନ କରୁଛୁ।' ବିକାଶ ସେଠ୍, ପରିଚାଳନା ନିର୍ଦ୍ଦେଶକ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଭାରତୀ ଆକ୍ସା ଜୀବନ ବୀମା କହିଛନ୍ତି ଯେ, 'ଆମେ ଇଣ୍ଡଷ୍ଟ୍ରିରେ ଗ୍ରାହକ-କୈନ୍ଦ୍ରିକ ସୁରକ୍ଷା ଉତ୍ପାଦ ସୃଷ୍ଟି କରିବା କ୍ଷେତ୍ରରେ ସବୁବେଳେ ଆଗରେ ରହିଆସିଛୁ। ଏକ ଗୃପ୍ ମାଷ୍ଟର ବୀମାଧାରୀ ଭାବରେ ଏୟାର୍‌ଟେଲ୍ ସହିତ କୌଶଳଭିତ୍ତିକ ସହବନ୍ଧିତା ଓ ଏୟାର୍‌ଟେଲ୍‌ର ପ୍ୟାନ୍-ଇଣ୍ଡିଆ ବିଶାଳ ବଣ୍ଟନ ନେଟ୍‌ୱାର୍କ ଦେଶରେ ବୀମାର ପ୍ରବେଶକୁ ବୃଦ୍ଧି କରାଇବ।'

## ଦୁର୍ଗାପୂଜା ପାଇଁ ମିଆ ବାଏ ତନିସ୍କର ଆକର୍ଷଣୀୟ ଅଫର

ଭବନେଶ୍ବର : ଭାରତର ସର୍ବାଧିକ ଆଦୃତ ଅଳଙ୍କାର ବ୍ରାଣ୍ଡ 'ମିଆ ବାଏ ତନିସ୍କ' ଚଳିତ ଦୁର୍ଗାପୂଜାରେ ଅଳଙ୍କାର କ୍ରୟକୁ ନିଶ୍ଚିତ ଆକର୍ଷଣୀୟ କରିବା ନିମନ୍ତେ ଗ୍ରାହକଙ୍କୁ ସର୍ବୋତ୍କୃଷ୍ଟ ଅଫର ପ୍ରଦାନ କରୁଛି। ୨୫୦୦୦ ଟଙ୍କା କ୍ରୟ ଉପରେଗ୍ରାହକ ବିନା ମୂଲ୍ୟରେ ସୁନା ପଦକ ପାଇପାରିବେ ଏବଂ ମିଆ କ୍ଲାସିକ କଲେକସ୍‌ନରେ ୧୦% ପର୍ଯ୍ୟନ୍ତ ଛାଡ଼ପାଇପାରିବେ। କୋଲକତା, ସିଲିଗୁଡ଼ି ଓ ଗୌହାଟୀରେ ଥିବା ମିଆ ଷ୍ଟୋରରେ ଏହି ଅଫର ସେପ୍ଟେମ୍ବର ୧୪ରୁ ୨୯ ତାରିଖ ପର୍ଯ୍ୟନ୍ତ ଉପଲବ୍ଧ ହେବ। ରାଞ୍ଚି, ଜାମସେଦପୁର, ଗ୍ୟାଙ୍ଗଟକ ଓ ଭୁବନେଶ୍ୱରେ ଥିବା ଷ୍ଟୋରରେ ଏହାସେପ୍ଟେମ୍ବର ୧୬ରୁ ୨୯ ତାରିଖ ପର୍ଯ୍ୟନ୍ତ ଉପଲବ୍ଧ ହେବ। ଏଥିସହ ସେପ୍ଟେମ୍ବର ୧୪ ଓ ୧୫ ଏବଂ ୨୮ ଓ ୨୯ତାରିଖରେ ଅତିରିକ୍ତ ୫% ଛାଡ଼ ମିଳିବ।

## ଚଳିତ ଆର୍ଥିକ ବର୍ଷରେ ଆଇସିଆଇସିଆଇ ଖୋଲିବ ୪୫୦ଟି ଶାଖା

ମୁମ୍ବାଇ: ଚଳିତ ଆର୍ଥିକ ବର୍ଷରେ ଆଇସିଆଇସିଆଇ ୪୫୦ଟି ନୂଆ ଶାଖା ଖୋଲି ଦେଶରେ ନିଜର ଖୁଚୁର। ନେଟ୍‌ୱର୍କ ସଂପ୍ରସାରିତ କରିବ ବୋଲି ବ୍ୟାଙ୍କ ପକ୍ଷରୁ ଘୋଷଣା କରାଯାଇଛି। ଇତିମଧ୍ୟରେ ବ୍ୟାଙ୍କ ଗ୍ରାହକଙ୍କ ନିମନ୍ତେ ୩୨୦ଟି ଶାଖା କାର୍ଯ୍ୟକ୍ଷମ କରିସାରିଛି। ଅବଶିଷ୍ଟ କାର୍ଯ୍ୟକ୍ଷମ ପ୍ରକ୍ରିୟାରେ ରହିଛି। ନୂଆ ଶାଖା ପ୍ରତିଷ୍ଠା ଫଳରେ ବ୍ୟାଙ୍କର ମୋଟ ଶାଖା ସଂଖ୍ୟା ଦେଶରେ ୫୦୦୦କୁ ବୃଦ୍ଧି ପାଇଛି। ବ୍ୟାଙ୍କର ମାଇଲଖୁ ଶାଖା ମହାରାଷ୍ଟ୍ରର ଥାନେଠାରେ ପ୍ରତିଷ୍ଠା କରାଯାଇଛି। ଏହାଦ୍ୱାରା ବ୍ୟାଙ୍କ ନେଟୱ୍ୱର୍କରେ ୫୧୯୦ଟି ଶାଖା, ଏଟିଏମ ଓ ସଂପ୍ରସାରିତ କାଉ ର ଅନ୍ତର୍ଭୁକ୍ତ ହୋଇପାରିଛି। ଜାମ୍ମୁ- କାଶ୍ମୀରର ଲେହ ଠାରୁ ଆରମ୍ଭ କରି ତାମିଲନାଡୁର ନାଗରକଏଲ, ଗୁଜୁରାଟର ନାଲିୟାଠାରୁ ଆରମ୍ଭ କରି ମିଜୋରାମର ଆଇଜଲ ପର୍ଯ୍ୟନ୍ତ ବ୍ୟାଙ୍କ ଶାଖା ପ୍ରତିଷ୍ଠା ହୋଇପାରିଛି। ଦେଶରେ ଆର୍ଥିକ ଅନ୍ତର୍ଭୁକ୍ତି ପାଇଁ ବ୍ୟାଙ୍କ ଅଧାଶାଖା ଗ୍ରାମାଳ ଓ ଅର୍ଦ୍ଧସହରା ଳରେ ପ୍ରତିଷ୍ଠା କରାଯାଇଛି। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅନୂପ ବାଗ୍‌ଚୀ କହିଛନ୍ତି ଯେ, ଖୁଚୁରା ବ୍ୟାଙ୍କିଙ୍ଗ ପାଇଁ ଏକ ବ୍ୟାପକ ବ୍ୟାଙ୍କ ନେଟ୍‌ୱର୍କର ଆବଶ୍ୟକତା ରହିଛି ବୋଲି ଆମେ ବିଶ୍ୱାସ କରୁ। ଏହାଦ୍ୱାରା ଅଧିକରୁ ଅଧିକ ସେବା ଯୋଗାଣ ଦ୍ୱାରା ଗ୍ରାହକଙ୍କ ସହ ସଂପର୍କରେ ମଧ୍ୟ ବୃଦ୍ଧି ଘଟିଥାଏ। ଏହି ଶାଖାଗୁଡ଼ିକ ଗ୍ରାହକଙ୍କୁ ପରାମର୍ଶ ଦେବା ସହ ମାର୍ଗଦର୍ଶନ ପ୍ରଦାନ କରିଥାନ୍ତି ବୋଲି ସେ କହିଛନ୍ତି।

# ଭିଭୋ ପକ୍ଷରୁ ଭି-୧୭ ପ୍ରୋ ସ୍ମାର୍ଟଫୋନ୍‌ର ବଜାର ପ୍ରବେଶ

ଭୁବନେଶ୍ୱର : ବିଶ୍ୱସ୍ତରୀୟ ସ୍ମାର୍ଟଫୋନ୍ ବ୍ରାଣ୍ଡ ଭିଭୋ ପକ୍ଷରୁ ଏହାର ଫ୍ଲାଗସିପ୍ ସ୍ମାର୍ଟଫୋନ୍ ଭି-୧୭ ପ୍ରୋ ସ୍ମାର୍ଟଫୋନ୍‌ର ବଜାର ପ୍ରବେଶ କରାଯାଇଛି। ଏହା ଦ୍ୱାରା ଭି ସିରିଜ୍‌ର ଉତ୍ପାଦରେ ବୃଦ୍ଧି ଘଟିଛି। ଭି-୧୭ ପ୍ରୋରେ ୮ଜିବି ରାମ୍ ଏବଂ ୧୨୮ ଜିବି ରମ୍ ରହିଛି। ଏଥିରେ ଡୁଆଲ୍ ପପ୍-ଅପ୍ ସେଲଫି କ୍ୟାମେରା, ଅଲ୍ କ୍ୱାଡ୍ ପଛ କ୍ୟାମେରା ରହିଛି। ସେହିପରି ଭି-୧୭ ପ୍ରୋ ଗ୍ଲାସିଅର ଆଇସ୍ ଏବଂ ମିଡ୍ ନାଇଟ୍ ଓସିନ୍ ରଙ୍ଗରେ ମିଳୁଛି। ଏହାର ମୂଲ୍ୟ ୨୯,୯୯୦ ଟଙ୍କା ରହିଛି। ଏହା ୨୦୧୯ ସେପ୍ଟେମ୍ବର ୨୭ ତାରିଖ ଠାରୁ ଆମାଜନ ଡଟ୍ ଇନ୍, ଫ୍ଲିପ୍‌କାର୍ଟ, ଭିଭୋ ଇଣ୍ଡିଆ ଇ-ଷ୍ଟୋର ଏବଂ ସମସ୍ତ ଅଫ୍ ଲାଇନ୍ ଅଂଶୀଦାର ଷ୍ଟୋରରେ ଉପଲବ୍ଧ ହେବ। ଏହି ଫୋନ୍‌ରେ ଶକ୍ତିଶାଳୀ ୩୨ ଏମ୍ ପି ଡୁଆଲ୍ ପପ୍-ଅପ୍ ସେଲଫି କ୍ୟାମେରା, ୪୮ ଏମ୍‌ପି ଅଲ୍ କ୍ୱାଡ୍ ପଛ କ୍ୟାମେରା ସହିତ ୧୩ ଏମ୍‌ପି ୨-ଏକ୍ସ ଅପ୍ଟିକାଲ ଜୁମ୍ ସୁବିଧା ରହିଛି। ଏଥିରେ ୧୬.୩୬ ସେମି ଫୁଲ୍ ଭିୟୁ ସୁପର ଆମଲୋଏଡ୍ ଡିସପ୍ଲେ, ୯୧.୬୫ ପ୍ରତିଶତ ସ୍କ୍ରିନ୍ ବଡ଼ି ରେସିଓ, ୨୦:୯ ଆସପେକ୍ଟ ରେସିଓ, ଆଂଟି ଫ୍ଲିକର ଜ୍ଞାନକୌଶଳ ଆଦି ରହିଛି। ଏହି ଫୋନ୍‌ରେ କ୍ୱାଲକମ୍ ସ୍ନାପଡ୍ରାଗନ ୬୭୫ ଏଆଇଇ ପ୍ରୋସେସର. ଓଏସ୍ ୮.୧ ଆଣ୍ଡ୍ରଏଡ୍, ଫନ୍ ଟଚ୍ ଓଏସ୍ ୪.୫, ଭିଭୋର ଜୋଭି ଏଆଇ ଇନ୍ ଆଦି ବୈଶିଷ୍ଟ୍ୟ ରହିଛି। ଏଥିରେ ୪,୧୦୦ଏମ୍‌ଏଏଚ୍ ଟାଇପ୍-ସି ବ୍ୟାଟେରୀ, ଡୁଆଲ୍ ଇନ୍ ଫାଷ୍ଟ ୧୮ ୱାଟ୍ ଚାର୍ଜ ସୁବିଧା ରହିଛି। ଏହା ସହିତ ଏଥିରେ ଗେମ୍ ଟ୍ରବୋ, ଏଆଇ ଟ୍ରବୋ, ସେଂଟର ଟ୍ରବୋ, ନେଟ୍ ଟ୍ରବୋ କୁଲିଂ ଟ୍ରବୋ ଆଦି ବୈଶିଷ୍ଟ୍ୟ ରହିଛି। ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମ ଅ'ର୍ଗତ ଭି-୧୭ ପ୍ରୋ ଗ୍ରେଟର ନୋଏଡାଠାରେ ନିର୍ମିତ ହୋଇଛି। ଏହି ସ୍ମାର୍ଟଫୋନ୍ ଉପରେ ୱାନ୍ ଟାଇମ୍ ସ୍କ୍ରିନି ରିପ୍ଲେସ୍‌ମେଂଟ୍ ସୁବିଧା ୨୦୧୯ ଅକ୍ଟୋବର ୮ ତାରିଖ ପର୍ଯ୍ୟ' ଉପଲବ୍ଧ ହେବ। ଏଚଡିଏଫସି ଏବଂ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡ, ଡେବିଟ୍ କାର୍ଡ ଏବଂ ଏଚଡିଏଫସି ଲୋନ୍ ଇଏମ୍‌ଆଇ କ୍ଷେତ୍ରରେ ୧୦ ପ୍ରତିଶତ କ୍ୟାସବ୍ୟାକ୍ ସୁବିଧା। ଏଚଡିବି ଜିରୋ ଡାଉନ୍ ପେମେଂଟ୍‌ରେ ଅତିରିକ୍ତ ୧୦ ପ୍ରତିଶତ କ୍ୟାସ୍ ବ୍ୟାକ୍ ସୁବିଧା ମିଳୁଛି। ବଜାଜ ସହିତ ଜିରୋ ଡାଉନ୍ ପେମେଂଟ୍‌ରେ ୬ ମାସର ଇଏମ୍‌ଆଇ। ସେହିପରି ଆଇଏଫ୍‌ସି ଜିରୋ ଡାଉନ୍ ପେମେଂଟ୍‌ରେ ୮ ମାସର ଇଏମ୍‌ଆଇ ସହିତ ୫ ପ୍ରତିଶତ କ୍ୟାସବ୍ୟାକ୍ ସୁବିଧା ପ୍ରଦାନ କରାଯାଉଛି। ହୋମ୍ କ୍ରେଡିଟ୍ ଜିରୋ ଡାଉନ୍ ପେମେଂଟ୍‌ରେ ୬ ମାସର ଇଏମ୍‌ଆଇ ସୁବିଧ ପ୍ରଦାନ କରାଯାଉଛି। ଏହା ସହିତ ଭିଭୋ-କ୍ୟାସିଫାଏ ଆପ୍ଲିକେଶନ ଦ୍ୱାରା ପୁରୁଣା ସ୍ମାର୍ଟଫୋନ୍ ଏକ୍ସଚେ଼ କ୍ଷେତ୍ରରେ ଅତିରିକ୍ତ ୧,୯୯୯ ଟଙ୍କାର ଉପହାର ପ୍ରଦାନ କରାଯାଉଛି। ଭୋଡ଼ାଫୋନ୍ ଆଇଡ଼ିଆ ଗ୍ରାହକଙ୍କୁ ନିଶ୍ଚିତ ୫୦ପ୍ରତିଶତ ମୂଲ୍ୟାର ବାଏ ବ୍ୟାକ୍ ସୁବିଧା ପ୍ରଦାନ କରାଯାଉଛି। ଏହି ଅବସରରେ ଭିଭୋ ଇଣ୍ଡିଆର ବ୍ରାଣ୍ଡ ଷ୍ଟ୍ରାଟେଜି ନିର୍ଦ୍ଦେଶକ ନିପୁନ୍ ମାରୟା କହିଲେ, ' ଭିଭୋ ସାମ୍ପ୍ରତିକ କ୍ୟାମେରା ଜ୍ଞାନକୌଶଳରେ ଏକ ନୂତନ କ୍ଷେତ୍ର ସୃଷ୍ଟି କରିବା ସହିତ କ୍ୟାମେରାର ଅଭିଜ୍ଞତାକୁ ବିଶେଷ ରୁଦ୍ଧିମ' କରିବାକୁ ସକ୍ଷମ ହେବ। ଆମ୍ଭେ ନିଶ୍ଚିତ ଯେ, ଏହି ସ୍ମାର୍ଟଫୋନ୍ ଭି-୧୭ ପ୍ରୋ ଭି ସିରିଜ୍‌ରେ ଏକ ନୂତନ ବେଂଚମାର୍କ ସୃଷ୍ଟି କରିବାକୁ ସକ୍ଷମ ହେବ ତଥା ଗ୍ରାହକଙ୍କ ଦ୍ୱାରା ବିଶେଷ ଆଦୃତି ଲାଭ କରିବା ସହିତ ସେଲଫି ଅଭିଜ୍ଞତାକୁ ରୁଦ୍ଧିମନ୍ତ କରାଇବ। ଏଥିରେ ଥିବା ୩୨ ଏମ୍ ପି ଡୁଆଲ୍ ପପ୍ ଅପ୍ ସମ୍ମୁଖ କ୍ୟାମେରା ଗ୍ରାହକଙ୍କୁ ଆକୃଷ୍ଟ କରିବାକୁ ସକ୍ଷମ ହେବ। ସୂଚନାଯୋଗ୍ୟ, ବିଶ୍ୱସ୍ତରରେ ସ୍ମାର୍ଟଫୋନ୍ ନିର୍ମାଣ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଭିଭୋ ଭାରତରେ ଏହାର କାରବାର ୨୦୧୪ ମସିହାରେ ଆରମ୍ଭ କରିଥିଲା। ଅତି ସ୍ୱଳ୍ପ ସମୟ ମଧ୍ୟରେ ଏହା ସ୍ମାର୍ଟବ୍ରାଣ୍ଡ ଭାବରେ ନିଜର ସ୍ଥିତିକୁ ସୁଦୃଢ଼ କରିପାରିଥିଲା। ଗ୍ରେଟର ନୋଏଡାଠାରେ ଏହାର ନିର୍ମାଣ କେନ୍ଦ୍ର ରହିଛି। ସମ୍ପ୍ରତି ଦେଶର ୨୭ ରାଜ୍ୟ ଏବଂ ୫ କେନ୍ଦ୍ରଶାସିତ ଅଂଚଳରେ ୫୩୯ରୁ ଅଧିକ ସହରରେ କମ୍ପାନୀର ୫୫୦ରୁ ଅଧିକ ସର୍ଭିସ୍ ସେଂଟର ରହିଛି। ଏହା ମୁଖ୍ୟତଃ କ୍ୟାମେରା ଓ ମ୍ୟୁଜିକ୍‌କୁ ଗୁରୁତ୍ୱ ପ୍ରଦାନ କରିଥାଏ। ଏହା ଭାରତରେ ଦ୍ରୁତ ଅଭିବୃଦ୍ଧିଶୀଳ କମ୍ପାନୀ ଭାବରେ ଖ୍ୟାତି ହାସଲ କରଛି।

## ଏହି ପାର୍ବଣ ଋତୁରେ ଫ୍ଲିପକାର୍ଟ ପକ୍ଷରୁ ମାରକ୍ୟୁ ଏବଂ ପରଫେକ୍ଟ ହୋମ ବ୍ରାଣ୍ଡର ସଂପ୍ରସାରଣ

ଭୁବନେଶ୍ୱର : ଭାରତର ଅଗ୍ରଣୀ ଇ-କମର୍ସ ମାର୍କେଟ ପ୍ଲେସ ଫ୍ଲିପକାର୍ଟ, ବିଗ ବିଲିୟନ ଡେ ଉପଲକ୍ଷେ ଏହାର ବୃହତ ଉପକରଣ ବ୍ରାଣ୍ଡ ମାରକ୍ୟୁ ଏବଂ ଫର୍ନିଚର ବ୍ରାଣ୍ଡ ପରଫେକ୍ଟ ହୋମସର ସଂପ୍ରସାରଣ କରିଛି। ମାରକ୍ୟୁ ଉନ୍ନତ ମାନର ହୋମ ଏବଂ ପର୍ସନାଲ ଅଡିଓ ଡିଭାଇସ ଏବଂ ଆଣ୍ଡ୍ରଏଡଟିଭି ଷ୍ଟ୍ରିମିଙ୍ଗ ବକ୍ସ ସମେତ ଏହି ବ୍ରାଣ୍ଡ ଅଧିନସ୍ଥ ପୋର୍ଟଫୋଲିଓରେ ୱାସିଙ୍ଗ ମେସିନ ଏବଂ ରେଫ୍ରିଜେରେଟର ମଧ ରହିଛି। ଏହି ବ୍ରାଣ୍ଡ ଅନ୍ତର୍ଗତ ଟିଭି ଗୁଡ଼ିକ 'ସମ୍ପୂର୍ଣ୍ଣ ଉପକରଣ ସୁରକ୍ଷା', ମାନ୍ୟୁଫାକଚରିଙ୍ଗ ଏବଂ ଦୁର୍ଘଟଣା ଜନିତ କ୍ଷତିକୁ ଅନ୍ତର୍ଭୁକ୍ତ କରୁଥିବା ଏକ ତିନି ବର୍ଷର କେୟାର ପ୍ଲାନ ସହିତ ଆସିଥିବା ବେଳେ ରେଫ୍ରିଜେରେଟର ଗୁଡ଼ିକ ଶ୍ରେଷ୍ଠ ୧୦ ବର୍ଷର ୱାରେଣ୍ଟି ସହ ଆସିଛି। ସେହିଭଳି ଫ୍ଲିପକାର୍ଟର ପରଫେକ୍ଟ ହୋମ ଏହାର ପୋର୍ଟଫୋଲିଓକୁ ଆଗକୁ ସଂପ୍ରସାରିତ କରିଛି ଯାହାକି ପୂର୍ବରୁ ଖଟ, ସୋଫା, ଡାଇନିଙ୍ଗ ଟେବଲ ସମେତ ବର୍ତ୍ତମାନ ବୁକସେଲଭ, କିଚନ କ୍ୟାବିନେଟକୁ ସାମିଲ କରିଛି। ଏହା ବ୍ୟତିତ ଏହି ବ୍ରାଣ୍ଡ ଲ୍ୟାମ୍ପ, କାନ୍ଥ ଘଣ୍ଟା, ବେଡ ସିଟ ଏବଂ ବାଥ ଲାଇନେନ ଆଣି ହୋମ ଫର୍ନିସିଙ୍ଗ ଏବଂ ଗୃହ ସଜ୍ଜାକୁ ଅଧିକ ଆକର୍ଷଣୀୟ କରିଦେଇଛି। ବିଗତ ବର୍ଷର ବିଗ ବିଲିୟନ ଡେ ଅବସରରେ ଫ୍ଲିପକାର୍ଟ ହୋମ ଦେଶର ବୃହତ୍ତମ ଫର୍ନିଚର ବ୍ରାଣ୍ଡର ମାନ୍ୟତା ପାଇଥିଲା। ଏହି ପାର୍ବଣ ଋତୁରେ ବର୍ଦ୍ଧିତ ଚାହିଦାକୁ ଦୃଷ୍ଟିରେ ରଖି ଉଭୟ ବ୍ରାଣ୍ଡ ସେମାନଙ୍କର ଉପକରଣ ନିର୍ମାଣ ସାମର୍ଥ୍ୟତାକୁ ତ୍ୱରାନ୍ୱିତ କରିଛନ୍ତି। ଫ୍ଲିପକାର୍ଟର ଏହି ଉଭୟ ମାରକ୍ୟୁ ଏବଂ ପରଫେକ୍ଟ ହୋମ ୨୦୧୯ରେ ସେମାନଙ୍କର ମାନ୍ୟୁଫାକ୍‌ଚରିଙ୍ଗ ସହଯୋଗୀଙ୍କ ସଂଖ୍ୟାରେ ୨ ଗୁଣ ବୃଦ୍ଧି କରିଛନ୍ତି। ଉଭୟ ବ୍ରାଣ୍ଡର ଅନ୍ତର୍ଭୁକ୍ତ ସମସ୍ତ ଉପକରଣ ଗୁଡ଼ିକ ଉନ୍ନତ ଗୁଣବତ୍ତା ଏବଂ ମୂଲ୍ୟ ବର୍ଗରେ ଏହି ପାର୍ବଣ ଋତୁରେ ଗ୍ରାହକ ମାନଙ୍କ ପାଇଁ ଉପଯୁକ୍ତ ଅଟେ।

# ସ୍ମାର୍ଟ ମିଟର ସ୍ଥାପନ କରିବା ଲାଗି ଫେଡ୍‌କୋ ପକ୍ଷରୁ ଅଷ୍ଟ୍ରେଲିଆର ଭିଲେଜ୍ ଏନର୍ଜି ସହ ବୁଝାମଣାପତ୍ର ସ୍ୱାକ୍ଷରିତ



ଭୁବନେଶ୍ୱର: ଫିଡ୍‌ବ୍ୟାକ୍ ଏନର୍ଜି ଡିଷ୍ଟ୍ରିବ୍ୟୁସନ କଂପାନି (ଫେଡ୍‌କୋ)ର କାରବାର ଅଂଚଳରେ ସ୍ମାର୍ଟ ମିଟର ଓ ଡିମାଣ୍ଡ-ସାଇଡ୍ ମ୍ୟାନେଜମେଂଟ୍ (ଡିଏସ୍‌ଏମ୍) ସ୍ଥାପନ କରିବା ଲାଗି କଂପାନି ପକ୍ଷରୁ ଅଷ୍ଟ୍ରେଲିଆର ସଂସ୍ଥା "ଭିଲେଜ ଏନର୍ଜି' ସହିତ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରାଯାଇଛି। ଏହି ବୁଝାମଣା ଅନୁସାରେ, ଫେଡ୍‌କୋ ପରିଚାଳନା ଅଧୀନରେ ଥିବା ଗ୍ରାମାଞ୍ଚଳରେ ଉତ୍ତମ ଗ୍ରାହକ ସେବା ପାଇଁ ଭିଲେଜ୍ ଏନର୍ଜି ପକ୍ଷରୁ ପରବର୍ତି ପିଢ଼ିର ପ୍ରଯୁକ୍ତି ସହିତ ସ୍ମାର୍ଟ ମିଟର ସ୍ଥାପନ କରାଯିବ। କଂପାନି ପକ୍ଷରୁ ୱେଷ୍ଟର୍ଣ୍ଣ ଅଷ୍ଟ୍ରେଲିଆର ପ୍ରିମିୟର ଶ୍ରୀଯୁକ୍ତ ମାର୍କ ମ୍ୟାକ୍‌ଗୋୱାନ ଓ ଅଷ୍ଟ୍ରେଲିଆର କିମ୍ବଦନ୍ତୀ କ୍ରିକେଟ୍ ଖେଳାଳୀ ଶ୍ରୀଯୁକ୍ତ ଆଦାମ ଗିଲ୍‌ଖ୍ରିଷ୍ଟଙ୍କ ଉପସ୍ଥିତିରେ ଗତ ସପ୍ତାହରେ ବୁଝାମଣାପତ୍ର (ଏମ୍‌ଓୟୁ) ଆଦାନପ୍ରଦାନ କରାଯାଇଛି। ଫିଡ୍‌ବ୍ୟାକ୍ ଇନ୍‌ଫ୍ରାର ୧୦୦% ସହଯୋଗୀ ସଂସ୍ଥା ଫେଡ୍‌କୋ ପକ୍ଷରୁ ଓଡ଼ିଶା ଓ ମେଘାଳୟର ବିଭିନ୍ନ ଅଂଚଳରେ ଗ୍ରାହକମାନଙ୍କୁ ବିଦ୍ୟୁତ ପ୍ରଦାନ କରାଯାଉଛି। ଏହା ହେଉଛି ଦେଶରେ କେତେକ ସଫଳ ଉଦାହରଣ ମଧ୍ୟରୁ ଅନ୍ୟତମ ଯେଉଁଠାରେ ଘରୋଇ ସହଯୋଗିତା ଦ୍ୱାରା ବିଦ୍ୟୁତ ବିତରଣର ଉତ୍ତମ ପରିଚାଳନାକୁ ନିଶ୍ଚିତ କରାଯାଇଛି। ଫେଡ୍‌କୋ ତରଫରୁ ପରୀକ୍ଷାମୂଳକ ପର୍ଯ୍ୟାୟ ଆରମ୍ଭ କରାଯିବ ଯେଉଁଥିରେ ଏକ ସିଙ୍ଗଲ୍ ଫିଡର୍ ବ୍ୟବସ୍ଥାରେ ଡିଷ୍ଟ୍ରିବ୍ୟୁଟସନ ଟ୍ରାନ୍ସଫର୍ମର (ଡିଟିଆର) ରେ ଭିଲେଜ୍ ଏନର୍ଜି ପ୍ଲାଟଫର୍ମକୁ କାର୍ଯ୍ୟକାରୀ କରାଯିବ। ପ୍ରତିଟି ଏଲ୍‌ଭି ସଂଯୋଗ ଓ ଯୋଗାଣ ପଏଂଟ୍‌ରେ ଭିଲେଜ୍ ଏନର୍ଜି ସ୍ମାର୍ଟ ମିଟର୍ ଏବଂ କଂଟ୍ରୋଲ୍ ଉପକରଣ(ଭେଡା) ସ୍ଥାପନ ଓ ପରିଚାଳନା କରାଯିବ। ଭିଲେଜ୍ ଏନର୍ଜି ପକ୍ଷରୁ ଉତ୍ତମ ଶକ୍ତି ପ୍ରଦାନ ମଡେଲ୍ ପାଇଁ ପ୍ରଯୁକ୍ତିକୁ ବ୍ୟବହାର କରାଯାଉଛି। ଭିଲେଜ୍ ଏନର୍ଜିର ପ୍ଲାଟଫର୍ମ ଆଧାର ସ୍ତରରେ ଭରସା ସ୍ଥାପନ କରୁଛି ଏବଂ ବିବିଧ ଶକ୍ତି ଉତ୍ସରେ ଶକ୍ତି ଖର୍ଚ୍ଚରେ ଉନ୍ନତି ଆଣୁଛି। ଏହା ଏକ ସ୍ମାର୍ଟ ଉପକରଣ ସ୍ଥାପନ କରିବ ଯାହା ଚାହିଦାକୁ ପ୍ରଭାବଶାଳୀ ଢ଼ଙ୍ଗରେ ପରିଚାଳନା କରିବ। "ଆମେ ଆଶା କରୁଛୁ ଯେ ଗ୍ରାହକ ଉଲ୍ଲାସ ଦିଗରେ ଏକ ବୈପ୍ଳବିକ ପଦକ୍ଷେପ ଏବଂ ଗ୍ରାମୀଣ ଗ୍ରାହକଙ୍କ ପାଇଁ ପ୍ରଯୁକ୍ତିକୁ ବାସ୍ତବ ସମୟରେ ଲାଗୁ କରିବା ଦିଗରେ ଏକ ପଦକ୍ଷେପ। ଆମର ବିଶ୍ୱାସ ରହିଛି ଯେ ଏହି ପ୍ରଯୁକ୍ତି ବ୍ୟବହାର ଦ୍ୱାରା ଆମର ଗ୍ରାମାଞ୍ଚଳରେ ରହୁଥିବା ଗ୍ରାହକଙ୍କୁ ପ୍ରଦାନ କରାଯାଉଥିବା ସେବାର ଖର୍ଚ୍ଚ ହ୍ରାସ ପାଇବ କିନ୍ତୁ ଗ୍ରାହକ ସେବାରେ କୌଣସି ପ୍ରକାର ସାଲିସ ହେବନାହିଁ।''

## ରେଳବାଇ ଘରୋଇ କରଣ ବିରୋଧରେ ରେଳଚାଳକ ସଂଘର ବିକ୍ଷୋଭ

ଜଟଣୀ: ଭାରତ ସରକାରଙ୍କ ୧୦୦ ଦିନିଆ ଯୋଜନା ଅନ୍ତର୍ଗତ ରେଳବାଇକୁ ଘରୋଇ କରଣ ଓ ନିଗମୀକରଣ ବିରୋଧରେ ସର୍ବ ଭାରତୀୟ ରେଳ ଚାଳକ ସଂଘର ଖୋର୍ଦ୍ଧା ମଣ୍ଡଳ ସ୍ତରୀୟ ବୈଠକ ସ୍ଥାନୀୟ ଅଗ୍ରୱାଲ ଧର୍ମଶାଳା ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସିପିଆଇଏମ୍ ନେତା ଜନାର୍ଦ୍ଦନ ପତି ଯୋଗଦେଇ କେନ୍ଦ୍ର ସରକାରଙ୍କ ଏହି ଶ୍ରମିକ ମାରଣାନୀତିକୁ ବିରୋଧ କରି କହିଥିଲେ ଯେ, ରେଳବାଇ ଲାଭଜନକ ସ୍ଥିତିରେ ଥିବାବେଳେ ରେଳବାଇକୁ ଚକ୍ରାନ୍ତ କରି ଘରୋଇକରଣ କରାଯାଉଛି। ଟ୍ରେନ୍ ଚାଳକ ଓ ସହ ଚାଳକଙ୍କ ପାଇଁ ନିର୍ଦ୍ଧାରିତ ୧୯୮୦ ନିୟମାନୁସାରେ ମାଇଲେଜ ଭତା ଲାଗୁ କରିବା, ଦୈନିକ ୮ ଘଂଟା କାର୍ଯ୍ୟ ନିର୍ଦ୍ଧାରଣ କରିବା, ସପ୍ତାହରେ ୪୬ ଘଂଟା ବିଶ୍ରାମ ବ୍ୟବସ୍ଥା କରିବା, ପୁରୁଣା ପେନସନ ଯୋଜନା ଲାଗୁ କରିବା, ଖାଲିଥିବା ପଦବୀଗୁଡ଼ିକୁ ପୂରଣ କରିବା, ଅବସରପ୍ରାପ୍ତ ରେଳ ଚାଳକମାନଙ୍କ ପେନସନ୍‌ରେ ଥିବା ଅସମାନତା ଦୂର କରିବା, ସ୍ଥାନାନ୍ତରଣରେ ନିର୍ଦ୍ଦିଷ୍ଟ ନିୟମ ଲାଗୁକରିବା ଆଦି ଦାବିରେ ସରକାରଙ୍କ ଉପରେ ବର୍ଷିଥିଲେ।

# କୌନ ବନେଗା କରୋଡ଼୍‌ପତିରେ ଅଚ୍ୟୁତ ସାମନ୍ତ



ଭୁବନେଶ୍ୱର : ଲୋକପ୍ରିୟ ରିଅଲିଟି ଶୋ 'କୌନ୍ ବନେଗା କରୋଡ୍‌ପତି' (କେବିସି)ର ହଟ୍‌ସିଟ୍‌ରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଦେଖିବାକୁ ମିଳିବ। ଶୁକ୍ରବାର ରାତି ୯ଟାରେ ସୋନି ଏଣ୍ଟରଟେନ୍‌ମେଣ୍ଟ ଟିଭି ପକ୍ଷରୁ ପ୍ରସାରଣ ହେବାକୁ ଥିବା କୌନ୍ ବନେଗା କରୋଡ୍‌ପତିର 'କର୍ମବୀର' ଅଧ୍ୟାୟରେ ଶ୍ରୀ ସାମନ୍ତଙ୍କୁ ଖ୍ୟାତି ସମ୍ପନ୍ନ ଅଭିନେତ୍ରୀ ତାପସୀ ପନ୍ନୁଙ୍କ ସହ ଦେଖିବାକୁ ମିଳିବ। ଏହି ଶୋ'ରେ ବିଗ୍ ବି ଅମିତାଭ ବଚ୍ଚନଙ୍କ ବିଭିନ୍ନ ପ୍ରଶ୍ନ ଜରିଆରେ ଶ୍ରୀ ସାମନ୍ତଙ୍କ ସଂଘର୍ଷପୂର୍ଣ୍ଣ ଜୀବନ ସଂପର୍କରେ ଜାଣିବାକୁ ମିଳିବ। ଏଥିରେ ଶ୍ରୀ ସାମନ୍ତ ନିଜେ ତାଙ୍କର ସଂଘର୍ଷପୂର୍ଣ୍ଣ ଜୀବନ ସଂପର୍କରେ ମଧ୍ୟ କହିଛନ୍ତି। ଶ୍ରୀ ସାମନ୍ତଙ୍କ ସ୍ୱପ୍ନର କିସ୍ ଅନୁଷ୍ଠାନର ସଫଳ କାହାଣୀ ମଧ୍ୟ ଏଥିରେ ଦେଖିବାକୁ ମଳିବ। ଏହି ଅବସରରେ ଶ୍ରୀ ସାମନ୍ତ ଓଡ଼ିଶାରୁ ନେଇଥିବା ଓଡ଼ିଶା ପ୍ରସିଦ୍ଧ ଛେନାପୋଡ଼ ସହ କିସ୍ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ପେଣ୍ଟିଂ ଅମିତାଭଙ୍କୁ ଉପହାର ଦେଇଥିଲେ। ସୂଚନାଯୋଗ୍ୟ, ପୂର୍ବରୁ ଏନ୍‌ଡିଟିଭି ପକ୍ଷରୁ ଚାଲୁଥିବା ବନେଗା ସ୍ୱଚ୍ଛ ଇଣ୍ଡିଆ କାର୍ଯ୍ୟକ୍ରମରେ ଅମିତାଭ ବଚ୍ଚନଙ୍କ ସହ ଶ୍ରୀ ସାମନ୍ତଙ୍କୁ ଦେଖିବାକୁ ମିଳିଥିଲା। ଅମିତାଭଙ୍କ ସହ ଏଭଳି ଲୋକପ୍ରିୟ କାର୍ଯ୍ୟକ୍ରମରେ ଦୁଇ ଦୁଇ ଥର ଆସିବାରେ ଶ୍ରୀ ସାମନ୍ତ ହେଉଛନ୍ତି ପ୍ରଥମ ଓଡ଼ିଆ।

# ଏଆରଆରସିରେ ହୋଣ୍ଡା ପାଇଁ କଠିନ ଦିନ, ସେନ୍ଥିଲ ୧୭ତମ ସ୍ଥାନରେ, ରାଜୀବ ଦୁର୍ଘଟଣାଗ୍ରସ୍ତ

ଭୁବନେଶ୍ୱର: ମାଲେସିଆର ସେପାଙ୍ଗ ଇଟଂରନ୍ୟାସନାଲ୍ ସର୍କିଟ୍‌ରେ ଚାଲିଥିବା ଏସିଆନ୍ ରୋଡ୍ ରେସିଂ ଚାମ୍ପିଆନ୍‌ସିପ୍‌ରେ ଆଇଡେମିସୁ ହୋଣ୍ଡା ଇଣ୍ଡିଆ ରେସିଂ ଟିମ୍‌କୁ କଠିନ ଦିନ ସାମ୍ନା କରିବାକୁ ପଡ଼ିଛି। ଟିମ୍‌ର ଅଭିଜ୍ଞ ଚାଳକ ରାଜୀବ ସେତୁ ଦ୍ୱିତୀୟ ଲ୍ୟାପ୍‌ରେ ଦୁର୍ଘଟଣାଗ୍ରସ୍ତ ହୋଇ ଅଧାରୁ ରେସ୍ ଛାଡ଼ିଛନ୍ତି। ସେହି ସମୟରେ ଅନ୍ୟତମ ଚାଳକ ସେନ୍ଥିଲ କୁମାର ପାଂଚଟି ସ୍ଥାନ ଉପରକୁ ଉଠି ୧୭ତମ ସ୍ଥାନରେ ରେସ୍ ଶେଷ କରିଛନ୍ତି। ଆଜି ସକାଳରେ ରେସ୍ ଆରମ୍ଭ ହେବା ବେଳକୁ ରାଜୀବ ସେତୁ ଭଲ ଲ୍ୟାପ୍ ଟାଇମ୍ ହାସଲ କରିଥିଲେ। ଦ୍ୱିତୀୟ ଲ୍ୟାପ୍‌ରେ ଥିବା ଚାଳକ ଭାବେ ସେ ଶ୍ରେଷ୍ଠ ୧୫ ଭିତରେ ସ୍ଥାନ ପାଇଥିଲେ। ଅପରାହ୍ନର ରେସ୍ ୧ରେ ସେ ପଂଚମ ଧାଡ଼ିରେ ଥିଲେ ଏବଂ ଦ୍ରୁତ ଗତିରେ ଆଗକୁ ବଢ଼ିଥିଲେ ମାତ୍ର ୧୧ତମ ବାଙ୍କ (ଟର୍ଣ୍ଣ)ରେ ସେ ଦୁର୍ଭାଗ୍ୟବସତଃ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ ଏବଂ ଶ୍ରେଷ୍ଠ ୧୦ ଭିତରେ ପ୍ରବେଶ କରିବା ଲାଗି ତାଙ୍କର ଯେଉଁ ସ୍ୱପ୍ନ ରହିଥିବା ତାହା ଅଧୁରା ରହିଗଲା। ଏପି ୨୫୦ ଶ୍ରେଣୀ ଯୋଗ୍ୟତା ପର୍ଯ୍ୟାୟରେ ରାଜୀବ ଶ୍ରେଷ୍ଠ ୧୫ ଭିତରେ ସ୍ଥାନ ପାଇଥିଲେ ଏବଂ ସେନ୍ଥିଲ ନିଜ ପ୍ରଦର୍ଶନରେ ଉନ୍ନତି ଆଣି ୨୨ତମ ସ୍ଥାନରେ ରହିଥିଲେ। ଏପି ୨୫୦ ଶ୍ରେଣୀ ରେସ୍ ୧ କିନ୍ତୁ ରାଜୀବଙ୍କ ପାଇଁ ଖରାପ ରହିଥିଲା। ସେ ଅଧାରୁ ରେସ୍ ଛାଡ଼ିଥିଲେ। ମାତ୍ର ସେନ୍ଥିଲ ନିଜର ପ୍ରଦର୍ଶନରେ ବେଶ ପ୍ରଭାବିତ କରିଥିଲେ ଏବଂ ପାଂଚଟି ସ୍ଥାନ ଉପରକୁ ଉଠି ୧୭ତମ ସ୍ଥାନରେ ପହଂଚିଥିଲେ। ଏହି ରେସ୍‌ରେ ଇଣ୍ଡୋନେସିଆର ଚାଳକ ଇରଫାନ୍ ଆର୍ଡିନ୍‌ଶାହ ପ୍ରଥମ, ଆଷ୍ଟ୍ରା ହୋଣ୍ଡାର ମୁଲକାଦା ସାରାପଚ୍ ଦ୍ୱିତୀୟ ଓ ରଫିଦ ଟୋପାନ୍ ସୁସିପ୍ଟୋ ତୃତୀୟ ସ୍ଥାନରେ ରହିଥିଲେ। ଆଜିର ପ୍ରଦର୍ଶନ ସମ୍ପର୍କରେ ଶ୍ରୀଯୁକ୍ତ ପ୍ରଭୁ ନାଗରାଜ, ଉପସଭାପତି-ବ୍ରାଣ୍ଡ ଆଣ୍ଡ କମ୍ୟୁନିକେସନ, ହୋଣ୍ଡା ମୋଟରସାଇକଲ୍ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ କହିଛନ୍ତି ଯେ, 'ଯୋଗ୍ୟତା ପର୍ଯ୍ୟାୟରେ ଭଲ ସ୍ଥାନ ନମିଳିବାରୁ ଅପରାହ୍ନ ରେସ୍‌ରେ ସେଥିରେ ସୁଧାର ଆଣିବାର ଥିଲା। ଆମର ବିଶ୍ୱାସ ଥିଲା ଯେ ଭଲ ଆରମ୍ଭ ଯୋଗୁ ରାଜୀବ ଲ୍ୟାପ୍ ୨ରେ ସେହି ସଫଳତା ପାଇବେ। ମାତ୍ର ଦୁର୍ଭାଗ୍ୟବସତଃ ସେ ଉପରେ ରହି ମଧ୍ୟ ଆଗକୁ ବଢ଼ିପାରିନଥିଲେ ଏବଂ ଆଘାତପ୍ରାପ୍ତ ହୋଇଥିଲେ ଏବଂ ଆମେ ଏବେ ଆସନ୍ତାକାଲି ଭଲ ପ୍ରଦର୍ଶନ କରିବାକୁ ଚାହିଁ ରହିଛୁ। ମୋଟ ଉପରେ ସେନ୍ଥିଲ ନିଜର ପ୍ରତିଥର ଟ୍ରାକ୍ ପ୍ରବେଶରେ ନିଜ ଲ୍ୟାପ୍ ସମୟରେ ଉନ୍ନତି ଆଣିପାରୁଛନ୍ତି। ଆଜି ଭଲ ଆରମ୍ଭ କରିନଥିଲେ ମଧ୍ୟ ନିଜର ସ୍ଥିତିକୁ ବଜାୟ ରଖିବା ଲାଗି ଲଢ଼େଇ ତାଙ୍କୁ ଅନେକ କିଛି ଶିଖାଇଥିବ। କେଉଁ ସ୍ଥାନରେ ଉନ୍ନତି ଆଣିହେବ ତାହାକୁ ବୁଝି, ସବୁ କିଛିକୁ ଅନୁଧ୍ୟାନ କରି ଆମକୁ ଆସ'।କାଲି ଭଲ ପ୍ରଦର୍ଶନ କରିବାକୁ ପଡ଼ିବ। ଏବେବି ଆମର ଲକ୍ଷ୍ୟ ହେଉଛି ରାଜୀବଙ୍କ ପାଇଁ ଟପ୍ ୧୦ ଏବଂ ସେନ୍ଥିଲଙ୍କ ପାଇଁ ଶ୍ରେଷ୍ଠ ୧୫ ପାଖାପାଖି ପହଂଚିବା। ଆମେ ସବୁ କିଛି କରିବାକୁ ପ୍ରସ୍ତୁତ ଅଛୁ।''




ପୁରୀ : ରାଜ୍ୟସ୍ତରୀୟ ସାଂସ୍କୃତିକ ଅନୁଷ୍ଠାନ 'ସୁଧା' ପକ୍ଷରୁ ସଂସ୍କୃତି ଭବନରେ 'ରାସ ମହୋତ୍ସବ - ୨୦୧୯' ଅନୁଷ୍ଠିତ

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray